

'ଆମ ସଫଳତାର କିଛି କଥା'ର ଆଲେଖ୍ୟ

ଡକ୍ଟର ମିନତି ବେହେରା
ଅଧ୍ୟକ୍ଷା, ଓଡ଼ିଶା ରାଜ୍ୟ ମହିଳା ଆୟୋଗ

ଓଡ଼ିଶା ରାଜ୍ୟ ମହିଳା ଆୟୋଗଙ୍କ ଦ୍ୱାରା ପ୍ରସ୍ତୁତ

# ହସ ଫୁଟିଲା
# ପରିବାର ତିଷ୍ଠିଲା

ଆମ ସଫଳତାର କିଛି କଥା...

୨୦୨୨


ମୁଖ୍ୟ ସଂପାଦିକା

ଡକ୍ଟର ମିନତି ବେହେରା

ଅଧ୍ୟକ୍ଷା, ଓଡ଼ିଶା ରାଜ୍ୟ ମହିଳା ଆୟୋଗ



## ଓଡ଼ିଶା ରାଜ୍ୟ ମହିଳା ଆୟୋଗ

ତୃତୀୟ ମହଲା, ତୋଷାଳି ଭବନ

ସତ୍ୟନଗର, ଭୁବନେଶ୍ୱର-୭୫୧୦୦୭, ଓଡ଼ିଶା

ଫୋନ୍ : ୦୬୭୪-୨୫୭୩୮୫୦, ୨୫୭୩୮୭୦, ୨୫୭୩୮୬୦

**Website : www.oscw.nic.in, Email : oscw.od@nic.in**

**Whatsapp : 8763543013**

# ହସ ଫୁଟିଲା
# ପରିବାର ତିଷ୍ଠିଲା


ମୁଖ୍ୟ ସମ୍ପାଦିକା :

**ଡକ୍ଟର ମିନତି ବେହେରା**

ଅଧ୍ୟକ୍ଷା, ଓଡ଼ିଶା ରାଜ୍ୟ ମହିଳା ଆୟୋଗ



ସହଯୋଗିତା

ସମସ୍ତ ସଦସ୍ୟା ଏବଂ କର୍ମଚାରୀଗଣ

ପ୍ରକାଶ କାଳ: ମେ ୨୦୨୨

ମୁଦ୍ରଣ :

କ୍ରିଏଟିଭ୍, ବାଦାମବାଡ଼ି, କଟକ



ସମସ୍ତ ଯୋଗାଯୋଗ

**ଓଡ଼ିଶା ରାଜ୍ୟ ମହିଳା ଆୟୋଗ**

ତୃତୀୟ ମହଲା, ତୋଷାଳି ଭବନ

ସତ୍ୟନଗର, ଭୁବନେଶ୍ୱର-୭୫୧୦୦୭, ଓଡ଼ିଶା

ଫୋନ୍ : ୦୬୭୪-୨୫୭୩୮୫୦, ୨୫୭୩୮୭୦, ୨୫୭୩୮୬୦

**Website : www.oscw.nic.in, Email : oscw.od@nic.in**

**Whatsapp : 8763543013**



# ସମ୍ପାଦକୀୟ ....

ଭାରତୀୟ ସାମ୍ବିଧାନିକ ବ୍ୟବସ୍ଥାରେ ପ୍ରତ୍ୟେକ ବ୍ୟକ୍ତିଙ୍କୁ ସମାନ ଅଧିକାର ଦିଆଯାଇଛି । ଯେଉଁଠି ଜାତି, ଧର୍ମ, ବର୍ଣ୍ଣ ବା ଲିଙ୍ଗର କୌଣସି ପ୍ରଭେଦ ନଥାଏ । ତେବେ ମହିଳାମାନଙ୍କ ପ୍ରତି ଏତେ ଅଣଦେଖା କାହିଁକି ?

ଗୋଟିଏ ଜାତି ସେତିକିବେଳେ ଆଗକୁ ଯାଏ, ଯେତେବେଳେ ମହିଳାମାନେ ପରିବାରରେ, ସମାଜରେ ଏବଂ ରାଷ୍ଟ୍ରରେ ସମ୍ମାନର ସହ ବଞ୍ଚିଥାନ୍ତି । ମହିଳାମାନେ ହିଁ ପରିବାର ସୁଖ-ଶାନ୍ତି ଓ ସମୃଦ୍ଧର କଥା ଚିନ୍ତା କରିଥାନ୍ତି । ଆମ ଶାସ୍ତ୍ରରେ ଅଛି- ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ ରମ୍ୟନ୍ତେ ତତ୍ର ଦେବତାଃ-ଅର୍ଥାତ୍ ଯେଉଁ ପରିବାରରେ ନାରୀ ସମ୍ମାନିତା- ସେ ପରିବାରରେ ଦେବତାମାନେ ବାସ କରନ୍ତି । ଯେଉଁ ପରିବାରରେ ନାରୀ ନିର୍ଯ୍ୟାତିତା-ସେ ପରିବାର ନର୍କସଦୃଶ । ଏଣୁ ନାରୀମାନଙ୍କୁ ସମ୍ମାନ ଦେବା, ସେମାନଙ୍କୁ ଯଥାସମ୍ଭବ ସବୁ କାର୍ଯ୍ୟରେ ଯୋଗଦାନ କରିବାର ଅଧିକାର ଦେବା ଆମମାନଙ୍କର ପ୍ରଧାନ ଦାୟିତ୍ୱ । କଥାରେ ଅଛି-ଗୋଟିଏ ମାଆ ଶିକ୍ଷିତା ହେଲେ, ପରିବାର ଶିକ୍ଷିତ ହୁଏ । ମାଆଟିଏ ପରିବାରକୁ ଶୃଙ୍ଖଳିତ କରି ଗଢ଼େ । କିନ୍ତୁ ସେଇ ମାଆ ଯଦି ପ୍ରକାରନ୍ତରେ ଅତ୍ୟାଚାରିତା, ନିର୍ଯ୍ୟାତିତା ହୁଏ, ତେବେ କେବଳ ପରିବାର ନୁହେଁ ସମଗ୍ର ଜାତିର ଭବିଷ୍ୟତ ଅନ୍ଧକାରମୟ ହୋଇପଡ଼େ ।

ଆଜି ଏକବିଂଶ ଶତାବ୍ଦୀରେ ମହିଳାମାନେ ଶିକ୍ଷା ସଭ୍ୟତା ଦକ୍ଷତା ବିକାଶରେ ଢ଼େର ଆଗରେ, ତଥାପି କୌଣସି ନା କୌଣସି କ୍ଷେତ୍ରରେ ମହିଳାମାନେ ସମାଜରେ ନିର୍ଯ୍ୟାତିତାର ଶିକାର ହେଉଛନ୍ତି ।

ଯାହାକି ଅତ୍ୟନ୍ତ ପରିତାପର ବିଷୟ,  ଯେଉଁ ମହିଳାମାନେ ପାରିବାରିକ ହିଂସା, ଯୌତୁକ ନିର୍ଯ୍ୟାତନା, ଯୌନ ନିର୍ଯ୍ୟାତନା, କନ୍ୟା ଭ୍ରୁଣହତ୍ୟା, ବାଲ୍ୟବିବାହ, ସାଇବର ଅପରାଧ, ଡାହାଣୀ ଭାବି ନିର୍ଯ୍ୟାତନା ଭଳି ସମସ୍ୟାର ସମ୍ମୁଖୀନ ହେଉଛନ୍ତି, ସେମାନଙ୍କୁ ନ୍ୟାୟ ଦେବାପାଇଁ ସରକାର ଚିନ୍ତା କଲେ । ଯାହା ଫଳରେ ସୃଷ୍ଟି ହେଲା ଓଡ଼ିଶା ରାଜ୍ୟ ମହିଳା ଆୟୋଗ ୧୯୯୩ ମସିହାରେ । ଏହି ଆୟୋଗର ପ୍ରଥମ ଓ ପ୍ରଧାନ ଦାୟିତ୍ୱ ହେଉଛି ମହିଳାମାନଙ୍କ ଅଧିକାରକୁ ସୁରକ୍ଷିତ ରଖିବା, ସମାଜରେ ସେମାନଙ୍କର ସାମାଜିକ, ଅର୍ଥନୈତିକ, ଶିକ୍ଷା ଓ ସ୍ୱାସ୍ଥ୍ୟ କିପରି ସୁଦୃଢ଼ ହେବ ସେଥିପ୍ରତି ତୀକ୍ଷ୍ଣ ନଜର ରଖିବା । ଆୟୋଗ ପ୍ରତିଷ୍ଠା ହେଲାପରେ ନିର୍ଯ୍ୟାତିତା ମହିଳାମାନେ ସେମାନଙ୍କର ଅଭିଯୋଗ ଆୟୋଗଙ୍କ ନିକଟରେ ଦାଖଲ କରନ୍ତି । ମହିଳା ଆୟୋଗ ଅଭିଯୋଗ ଗୁଡ଼ିକ ଗ୍ରହଣ କରନ୍ତି ବା ନିଜ ଆଡୁ ଅଭିଯୋଗ ଗ୍ରହଣ କରି ଗୁରୁତର ସହ ବିଚାରକରି  ପକ୍ଷ ଏବଂ ଅପରପକ୍ଷଙ୍କୁ ଡ଼ାକି ବୁଝାନ୍ତି ଏବଂ ବିଚାରବିମର୍ଷ କରି ସମସ୍ୟାକୁ ସମାଧାନ କରିବାର ବାଟ ଖୋଜନ୍ତି । ମହିଳା ଆୟୋଗଙ୍କ ବିଚାର ଉପରେ ଅପରପକ୍ଷ ସନ୍ତୁଷ୍ଟ ହୋଇ ନିର୍ଯ୍ୟାତିତା ମହିଳାଙ୍କୁ ପୁଣି ପରିବାରରେ ସୁଖ ଶାନ୍ତିରେ ରଖନ୍ତି । ଏତିକିରେ ମହିଳା ଆୟୋଗଙ୍କ କାର୍ଯ୍ୟ ସରେନାହିଁ – ବରଂ ପ୍ରତି ମାସରେ ସେମାନେ କିଭଳି ସୁଖୀ ଜୀବନଯାପନ କରୁଛନ୍ତି ତାହା ଆୟୋଗଙ୍କ ନିକଟରେ ଏକ ନିର୍ଦ୍ଦିଷ୍ଟ ତାରିଖରେ ଆସି ଜଣାଇବା ପାଇଁ ପ୍ରତିଶ୍ରୁତିବଦ୍ଧ ହୋଇଥାନ୍ତି ।

ମହିଳା ଆୟୋଗଙ୍କର ସକାରତ୍ମକ କାର୍ଯ୍ୟହେତୁ ବିଶୃଙ୍ଖଳିତ ପରିବାରଟି ଶୃଙ୍ଖଳିତ ହୋଇଯାଏ ଓ ପରିବାରରେ ହସ ଫୁଟିଉଠେ ।  ତା' ସହିତ ପରିବାର ମଧ୍ୟରେ ନିର୍ଯ୍ୟାତିତ ହେଇଥିବା ମହିଳାଜଣକ ଖୁସିରେ ଦିନ କାଟେ । ଏଣୁ ମହିଳା ଆୟୋଗଙ୍କ ପାଇଁ ଏହା ସଫଳତାର ମାପକାଠି । ଅନେକ କାର୍ଯ୍ୟଧାରା ମଧ୍ୟକୁ ଏହାହିଁ ମୁଖ୍ୟକାର୍ଯ୍ୟ ଯେଉଁଠି ଆୟୋଗକୁ ଆସିଥିବା ଅସଜଡ଼ା ପରିବାର ସଜାଡ଼ି ହୋଇଯାଏ । ସେହି ସଜଡ଼ା ପରିବାରଙ୍କ ଘଟଣାବଳୀକୁ ନେଇ କିଛି ସଜଡ଼ା  କାହାଣୀ ସ୍ଥାନିତ ହୋଇଛି ହସ ଫୁଟିଲା, ପରିବାର ତିଷ୍ଠିଲା ପୁସ୍ତକରେ ।

ମିନତି ବେହେରା

(ଡକ୍ଟର ମିନତି ବେହେରା)
ଅଧ୍ୟକ୍ଷା, ଓଡ଼ିଶା ରାଜ୍ୟ ମହିଳା ଆୟୋଗ

ଜିଲ୍ଲା : ଢେଙ୍କାନାଳ    କେସ୍ ନଂ: ୧୮/୨୦

ପକ୍ଷ : ଅନୁଶୟା    ଅପର ପକ୍ଷ : ଦେବୀ ପ୍ରସାଦ (ସ୍ୱାମୀ)

କେସ୍ ପ୍ରକାର : ଏହା ଏକ ଯୌତୁକ ଜନିତ ଓ ଘରୋଇ ହିଂସା ଜନିତ ଘଟଣା ।

ଉକ୍ତ ଅଭିଯୋଗଟି ଅନୁଶୟା ତାଙ୍କ ସ୍ୱାମୀ ଦେବୀ ପ୍ରସାଦଙ୍କ ବିରୁଦ୍ଧରେ କମିଶନଙ୍କ କାର୍ଯ୍ୟାଳୟରେ ଉପସ୍ଥାପନ କରି ତାଙ୍କ ସମସ୍ୟାର ସମାଧାନ ପାଇଁ କମିଶନ୍‌ଙ୍କୁ ଲିଖିତ ଭାବେ ଅନୁରୋଧ କରିଥିଲେ । ଅନୁଶୟା ଏବଂ ଦେବୀ ପ୍ରସାଦ ଉଭୟ ସରକାରୀ ଚାକିରୀଆ ଅଟନ୍ତି । ଉଭୟଙ୍କ ବାହାଘର ବୈଦିକ ମତେ ୨୦୧୪ ମସିହାରେ ସମ୍ପାଦିତ ହୋଇଥିଲା । ବାହାଘର ପରେ ସବୁ ଠିକ୍‌ଠାକ୍ ଥିଲା । ଉଭୟ ଏକତ୍ର ଭଲରେ ୬ମାସ ଚଳିବାପରେ ସ୍ୱାମୀଙ୍କ ଚାରିତ୍ରିକ ଦୋଷକୁ କେନ୍ଦ୍ରକରି ଉଭୟଙ୍କ ମଧ୍ୟରେ ମତାନ୍ତର ଆରମ୍ଭ ହୋଇଥିଲା । ଏହା ଧୀରେ ଧୀରେ ତୀବ୍ର ରୂପ ଧାରଣ କରିଥିଲା । ଦେବୀ ପ୍ରସାଦଙ୍କୁ ଏଥିରେ ତାଙ୍କ ପିତାମାତା ସହଯୋଗ କରୁଥିଲେ । ସେତେବେଳେ ଅନୁଶୟା ୬ ମାସର ଗର୍ଭବତୀ ମଧ୍ୟ ହୋଇସାରିଥିଲେ । ଅନୁଶୟାଙ୍କୁ ଔଷଧ ପତ୍ର ଦେବା, ଡାକ୍ତର ଦେଖାଇବାରେ ମଧ୍ୟ ସହଯୋଗ କରିନଥିଲେ । ଦେବୀ ମଧ୍ୟ ତାଙ୍କ  ପିତାମାତାର ନିର୍ଦ୍ଦେଶ ପ୍ରକାରେ delivery ଶେଷ ସମୟ ବେଳକୁ ଘରେ ନରହି ତାଙ୍କ ଚାକିରୀ ସ୍ଥାନକୁ ପଳାଇଯାଇଥିଲେ । ପୂର୍ବରୁ ଯିବା ଆସିବା କରି ଚାକିରୀ କରୁଥିଲେ ।

ଏଥିରେ ଅତିଷ୍ଠ ହୋଇ ଶେଷରେ ଅନୁଶୟା ୨୩ଦିନର ଶିଶୁପୁତ୍ରକୁ ଧରି ବାପଘରକୁ ପଳାଇ ଆସିଲେ । ଦେବୀପ୍ରସାଦ କିମ୍ବା ତାଙ୍କ ପିତାମାତାଙ୍କର ଶିଶୁପୁତ୍ରର ଉପଯୁକ୍ତ ଲାଳନପାଳନ କିମ୍ବା ଦେହପା'ର ଯତ୍ନପାଇଁ କୌଣସି ଆଗ୍ରହ ନଥିଲା । ପରେ ତାଙ୍କ ଅଫିସ ପାଖରେ ଏକ ଘର ଭଡ଼ାରେ ପୁଅ ସହ ରହୁଛନ୍ତି । ସେଠାରେ ଦେବୀ ପହଞ୍ଚି ତାଙ୍କୁ ବିଭିନ୍ନ ପ୍ରକାର ଧମକଚମକ ମଧ୍ୟ ଦେଇ ପୁଅକୁ ତାଙ୍କଠାରୁ ସବୁଦିନ ପାଇଁ ନେଇଯିବାକୁ ବିଭିନ୍ନ ପ୍ରକାରେ ଗାଳିଗୁଲଜ କରି ଅଶାନ୍ତି କରିବାକୁ ଆରମ୍ଭ କରିଥିଲେ ।

କମିଶନ୍ ତରଫରୁ ଶିଶୁପୁତ୍ରର ଭବିଷ୍ୟତକୁ ଆଖିରେ ରଖି ଉଭୟଙ୍କୁ ନୋଟିସ ଜାରୀ କରାଯାଇଥିଲା । ଉକ୍ତ ଧାର୍ଯ୍ୟ ତାରିଖରେ ଉଭୟ ସ୍ୱାମୀ ଓ ସ୍ତ୍ରୀ ଉପସ୍ଥିତ ଥିଲେ । ଉଭୟ ଏକତ୍ର ମିଳିମିଶି ରହିବାକୁ ପରାମର୍ଶ ଦିଆଯାଇଥିଲା । ମାତ୍ର ଅନୁଶୟା ସ୍ୱାମୀଙ୍କ ସହ ରହିବେ ନାହିଁ ବୋଲି ସ୍ପଷ୍ଟ ଜଣାଇଥିଲେ ।

ଦେବୀ ମିଳାମିଶା ପାଇଁ ଆଗ୍ରହୀ ଥାଇ ଅନ୍ୟତ୍ର ଘରଭଡା କରି ରଖିବେ ବୋଲି ମଧ୍ୟ ସ୍ତ୍ରୀଙ୍କୁ ପ୍ରସ୍ତାବ ଦେଇଥିଲେ । ଉଭୟ ଗୋଟିଏ ଗ୍ରାମର ବୋଲି ମଧ୍ୟ ସ୍ୱୀକାର କରିଥିଲେ । ଏହି ପ୍ରସ୍ତାବରେ ମଧ୍ୟ ଅନୁସୟା ରାଜି ହୋଇଥିଲେ । ଅନୁଶୟା ତାଙ୍କ ବିବାହ ସମୟର ଗୃହ ଉପକରଣ ଫେରସ୍ତ ପାଇଁ ଦାବୀ କରିଥିଲେ ଏବଂ ଶାଶୂ ଶ୍ୱଶୁରଙ୍କ ସହ ମଧ୍ୟ ଆଲୋଚନା ପାଇଁ ଆଗ୍ରହୀ ନୁହଁନ୍ତି ବୋଲି ଜଣାଇଲେ । ଏହାର ଅନୁରୂପରେ ଦେବୀ ଶିଶୁପୁତ୍ରକୁ ସାକ୍ଷାତ କରିବାକୁ ଦାବୀ କରନ୍ତି ।

କମିଶନ୍ ତରଫରୁ ଦେବୀଙ୍କୁ ପୁଅ ସହ ସାକ୍ଷାତ କରିବାର ପଦକ୍ଷେପ ମଧ୍ୟ ନିଆଯାଇଥିଲା ଏବଂ ଦେବୀ କମିଶନ୍‌ଙ୍କ ବିନା ଅନୁମତିରେ ପୁଅକୁ ଘରକୁ ନେଇପାରିବେ ନାହିଁ  ବୋଲି ତାଙ୍କୁ ପରାମର୍ଶ ଦିଆଗଲା । ଏଥିରେ ଦେବୀ ରାଜି ହୋଇଥିଲେ । ଅନୁଶୟାଙ୍କ ଦାବୀ ପ୍ରକାରେ ଜିନିଷପତ୍ର  ଓ ସୁନା ଇତ୍ୟାଦି ଫେରସ୍ତ ପାଇଁ ତାଲିକା ଜମାଦେବା ପାଇଁ ପରାମର୍ଶ ଦିଆଗଲା । ଏଥିରେ ପକ୍ଷମାନେ ସମ୍ମତି ସମ୍ପନ୍ନ କରିଥିଲେ ଏବଂ ପରବର୍ତ୍ତୀ ଆଲୋଚନା ପାଇଁ ମଧ୍ୟ ତାରିଖ ଧାର୍ଯ୍ୟ କରାଯାଇ ଉଭୟଙ୍କୁ ଉପସ୍ଥିତ ହେବା ପାଇଁ ଜଣାଇ ଦିଆଯାଇଥିଲା ।

ପରବର୍ତ୍ତୀ ଆଲୋଚନା ତାରିଖରେ ଅନୁଶୟା ତାଙ୍କ ଭାଇ ଭାଉଜଙ୍କ ସହ ହାଜର ହୋଇଥିଲାବେଳେ ଦେବୀ ପ୍ରସାଦ ମଧ୍ୟ ହାଜର ହୋଇଥିଲେ । କମିଶନ୍ ତରଫରୁ ପୁନର୍ବାର ତାଙ୍କ ସମସ୍ୟାର ସମାଧାନ ପାଇଁ ଆଲୋଚନା କରାଯାଇଥିଲା ଅନେକ ଆଲୋଚନା ପରେ ଉଭୟ ଏକତ୍ର ମିଳିମିଶି ରହିବାକୁ ନିଷ୍ପତ୍ତି ନେଲେ । ଉଭୟ ଦୁଇଜଣ ସରକାରୀ ଚାକିରିଆ ଅଟନ୍ତି । ଏବେ ସେମାନେ ପୁଅକୁ ଧରି ଭଲରେ ଏକତ୍ର ସୁଖ ଦାମ୍ପତ୍ୟ ଜୀବନ ଅତି ବାହିତ କରୁଥିବା ଜଣାଇଥିଲେ । ତେଣୁ ଏହା ନିଶ୍ଚିତ ରୂପେ ଏକ ସଫଳ କାହାଣୀ ।

**ମାନବିକତାର ହୃଦୟ ସହ ସ୍ନେହ ଶ୍ରଦ୍ଧା ହିଁ  ପ୍ରତ୍ୟେକ ଜୀବନକୁ ମଧୁର କରେ ।**

***ଝିଅ ହେଲେ ପାଠୋଇ, ଦେଶ ଯିବ ଆଗେଇ***

❖❖❖











ଜିଲ୍ଲା : କଟକ　　　　　　　　　　କେସ୍ ନଂ: ୨/୨୦

ପକ୍ଷ : ସୀମା ନନ୍ଦ　　　　　　　　　　ଅପର ପକ୍ଷ : ନରହରି ନନ୍ଦ (ସ୍ୱାମୀ)

କେସ୍ ପ୍ରକାର : ଏହା ଏକ ଯୌତୁକ ନିର୍ଯ୍ୟାତନା ପାରିବାରିକ ହିଂସା ତଥା courtରେ ବିଚାରାଧୀନଥିବା ୨ଟି ମକଦ୍ଦମାର ପ୍ରତ୍ୟାହାର କରି ମଳାମିଶା ସଂପର୍କୀୟ କାହାଣୀ ।

ସୀମା ନନ୍ଦ ଏହି ଅଭିଯୋଗଟି ଉପସ୍ଥାପନା କରି ତାଙ୍କ ସ୍ୱାମୀ ନରହରି ନନ୍ଦ ତାଙ୍କୁ ଯୌତୁକ ଜନିତ ନିର୍ଯ୍ୟାତନା ଦେବାର ଅଭିଯୋଗ କଲେ । ବାହାଘର ୧୩ବର୍ଷ ପରେ ମଧ୍ୟ ତାଙ୍କୁ ପାରିବାରିକ ହିଂସାରେ ନିର୍ଯ୍ୟାତନା ଦେଉଥିଲେ ଏପରିକି ସମସ୍ତ ସୁନାଗହଣା ତାଙ୍କ ଠାରୁ ଛଡାଇରଖି ପୁଅ ସହ ହଠାତ୍ ସୀମାଙ୍କୁ ଘରୁ ବାହାର କରିଦେଇଥିଲେ ସ୍ୱାମୀ ନରହରି । ବାପଘରୁ ଟଙ୍କା ଆଣିଲେ ଋଣ ଶୁଝାଯିବ ବୋଲି କହିଥିଲେ । ସୀମା ଉକ୍ତ ଦିନ ରାତିରେ ଶିଶୁପୁତ୍ର ସହ ଘର ବାହାରେ ଆଶ୍ରିତ ଥାଇ ଏବଂ ସକାଳୁ ଥାନାରେ ଜଣାଇ ଥିଲେ । କିନ୍ତୁ କୌଣସି ସୁଫଳ ପାଇପାରିନଥିଲେ । ବାଧ୍ୟ ହୋଇ ମହିଳା କମିଶନ୍‌ଙ୍କ ସହାୟତା ଲୋଡିଥିଲେ ।

ଏଥିନେଇ ମହିଳା କମିଶନ୍ ଉକ୍ତ ଘଟଣାକୁ ଉଦ୍‌ବେଗ ତଥା ଗୁରୁତର ସହ ଗ୍ରହଣ କରି ପକ୍ଷମାନଙ୍କୁ ନୋଟିସ ଜାରି କରିଥିଲେ । କମିଶନ ମହୋଦାୟା ଉଭୟଙ୍କଠାରୁ ସେମାନଙ୍କ କଥା ଶୁଣିଲା ପରେ ଜଣାପଡିଥିଲା ଯେ ଉଭୟଙ୍କ ବିବାହ ପ୍ରାୟ ୧୩ ବର୍ଷତଳେ ଅନୁଷ୍ଠିତ ହୋଇ ୧୨ବର୍ଷ ବୟସ ପୁଅର ପିତାମାତା ପାରିବାରିକ ସମସ୍ୟା ପରେ ୨ବର୍ଷ ଶିଶୁପୁତ୍ର ସହ ଦରଖାସ୍ତକାରିଣୀ ବାପଘରେ ଆଶ୍ରିତ ଅଛନ୍ତି । ସମସ୍ତ ସମସ୍ୟାକୁ ମହିଳା କମିଶନ କାର୍ଯ୍ୟାଳୟରେ ବିଷଦ ଭାବେ ଅନେକ ସମୟଧରି ଆଲୋଚନା କରାଯାଇଥିଲା । ସୀମାନନ୍ଦ ପାରିବାରିକ ହିଂସା ଆଇନ ୨୦୦୫ ଏବଂ ଭରଣ ପୋଷଣ ସ୍ୱାମୀଙ୍କ ଠାରୁ ପାଇବା ପାଇଁ କଟକ ପରିବାର ଅଦାଲତରେ ମକଦ୍ଦମା କରିଥିଲେ । ଏ ସବୁ ସତ୍ତ୍ୱେ couneselling ପରେ ସେ କୋର୍ଟରୁ ସମସ୍ତ case ପ୍ରତ୍ୟାହାର କରି ମିଳାମିଶା କରି ସ୍ୱାମୀସହ ରହିବେ ବୋଲି ମନସ୍ଥ କରିଥିବା ଜଣାଇଥିଲେ । ଏଥିରେ ସ୍ୱାମୀ ନରହରି ମଧ୍ୟ ରାଜିଥିଲେ । ନରହରି ସୁଖ ଦାମ୍ପତ୍ୟ ଜୀବନ ଅତିବାହିତ ଉପରେ ଗୁରୁତ୍ୱ ଦେଇ ଜଣାଇଥିଲେ ଯେ ଭବିଷ୍ୟତରେ ସେ (ସ୍ତ୍ରୀ) ସୀମାଙ୍କୁ ଉଚିତ୍ ସମ୍ମାନ ଦେବେ ଏବଂ ଉତ୍ତମ ବୁଝାମଣା ସହ ଚଳିବେ । କୋର୍ଟରୁ ମାମଲା ପ୍ରତ୍ୟାହାର କରି ବର୍ତ୍ତମାନ ଉଭୟ ସୁଖ ଦାମ୍ପତ୍ୟ ଜୀବନ ଅତିବାହିତ କରୁଛନ୍ତି ।

ପ୍ରତ୍ୟେକ ଘରେ ଗୃହଲକ୍ଷ୍ମୀଙ୍କ ସମ୍ମାନ, ସ୍ୱାମୀଙ୍କ ଦାୟିତ୍ୱ ସୁଖ ସଂସାର ନିମନ୍ତେ ।

ଜିଲ୍ଲା : ବାଲେଶ୍ୱର

କେସ୍ ନଂ: ୧୩/୨୧

ପକ୍ଷ : ଭାରତୀ ପଟ୍ଟନାୟକ

ଅପର ପକ୍ଷ : ମନୋଜ ପଟ୍ଟନାୟକ (ଦିଅର)

**କେସ୍ ପ୍ରକାର : ଉକ୍ତ ଘଟଣାଟି ଦିଅର ଭାଉଜଙ୍କୁ ପରିବାରରେ ବିଭିନ୍ନ ପ୍ରକାର ହଇରାଣ ହରକତ କରିବା ସହ ଶାରିରୀକ ଏବଂ ମାନସିକ ନିର୍ଯ୍ୟାତନା ଦେଉଥିବା ସଂପର୍କରେ ଘଟଣା ।**

ଅଭିଯୋଗକାରିଣୀ ଭାରତୀ ପଟ୍ଟନାୟକ ଜଣାନ୍ତି ତାଙ୍କ ଦିଅର ମନୋଜ ଭାରତୀୟ ସେନା ବାହିନୀରେ କାର୍ଯ୍ୟ କରନ୍ତି । ସ୍ୱର୍ଗତ ବାମନ ପଟ୍ଟନାୟକଙ୍କ ୨ଟି ପୁଅ । ବଡପୁଅ ଲାଲୁଙ୍କୁ ଭାରତୀ ବିବାହ କରିଥିଲେ । ଦିଅର ପ୍ରତିବର୍ଷ ଚାକିରୀ କ୍ଷେତ୍ରରୁ ଛୁଟିରେ ପ୍ରାୟ ଏକ ମାସ ପାଇଁ ଆସନ୍ତି । ଉକ୍ତ ସମୟରେ ଜମିଜମା ଘରବାଡିକୁ ନେଇ ଭାରତୀଙ୍କୁ ମାନସିକ ନିର୍ଯ୍ୟାତନା ଦେବାସହ ମଦ୍ୟପାନ କରି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ମାରଧର କରିବା ମଧ୍ୟ ଅଭିଯୋଗ କାରିଣୀ ଜଣାନ୍ତି । ଥାନାରେ ଜଣାଇବାପରେ କୌଣସି ସୁଫଳ ପାଇପାରିନଥିବା ପ୍ରକାଶ କରନ୍ତି । ବଡଭାଇଙ୍କ ହସ୍ତକ୍ଷେପ ଫଳରେ ଘରେ ଏକ ପ୍ରକାର ଶାନ୍ତ ପରିବେଶ ସୃଷ୍ଟି ହୁଏ । କିନ୍ତୁ ପୁନଶ୍ଚ ପୂର୍ବ ଘଟଣାର ପୁନଃରାବୃତ୍ତି ଆରମ୍ଭ ହୁଏ ।

ଭାରତୀ ଏଥିରେ ଅତିଷ୍ଠ ହେବା ପାଇଁ ଲାଗିଲେ । ପରେ ଦିଅର ମଧ୍ୟ ତାଙ୍କୁ ଘରୁ ବିତାଡିତ କରି ନିଜେ ସମସ୍ତ ଘର ଉପଭୋଗ କରୁଥିଲେ । ଅଭିଯୋଗ କାରିଣୀ ପ୍ରାୟ ୫ ବର୍ଷ ହେବ ଘର ଠାରୁ ଅଲଗା ସ୍ୱାମୀ ସହ ରହି ଆସୁଥିଲେ । ଧିରେ ଧିରେ ଶ୍ୱଶୁର ତିଆରି କରିଥିବା ଘରଟି ମଧ୍ୟ ଗାଁରେ ଭାଙ୍ଗିଯାଇଥିଲା । ଘରୁ ଆସିବା ସମୟରେ ତାଙ୍କର କେତକ ଗୃହ ଉପକରଣ ଦିଅର ତାଙ୍କ ଠାରୁ ରଖିଦେଇଥିଲେ । ସେ ସବୁକୁ ତାଙ୍କ ସ୍ତ୍ରୀ ଉପଭୋଗ କରୁଥିଲେ । ସେ ସବୁ ଗୃହ ଉପକରଣ ଫେରସ୍ତ ପାଇଁ ମଧ୍ୟ ଅଭିଯୋଗକାରିଣୀ ଦାବୀ କରନ୍ତି ।

ତେଣୁ ଆୟୋଗ ତରଫରୁ ସମସ୍ୟାର ସମାଧାନ ଆଲୋଚନା ମାଧ୍ୟମରେ କରାଯିବା ନିମନ୍ତେ ଉଭୟ ପକ୍ଷଙ୍କୁ ଡକାଯାଇଥିଲା (ଦିଅର) ମନୋଜ ତାଙ୍କ ଭୁଲ ବୁଝିପାରିଲେ ଏବଂ ମହିଳା ଆୟୋଗଙ୍କ ସବୁକଥା ମାନିବାକୁ ପ୍ରତିଜ୍ଞା କଲେ । ଦରଖାସ୍ତକାରିଣୀଙ୍କୁ କ୍ଷମା ମାଗିବା ସହ ଗୃହ ଉପକରଣ ନଷ୍ଟ ବାବଦରେ କ୍ଷତିପୂରଣ ବାବଦରେ ଅଭିଯୋଗକାରିଣୀଙ୍କୁ ୧୦ ହଜାର ଟଙ୍କା

କମିଶନ୍‌ଙ୍କ ମାଧ୍ୟମରେ ପ୍ରଦାନ କରିଥିଲେ । ଅଭିଯୋଗକାରିଣୀ ୧୦ ହଜାର ଟଙ୍କା ଗ୍ରହଣ କରିବା ସହ ଦିଅରକୁ କ୍ଷମା ଦେଇ ଥିଲେ । ଉଭୟଙ୍କ ମଧ୍ୟରେ ଥିବା ଦ୍ୱନ୍ଦ୍ୱର ଅବସାନ ଘଟିଥିଲା । ତେଣୁ ସ୍ନେହ ଶ୍ରଦ୍ଧା ମନୁଷ୍ୟ ଜୀବନରେ ଖାଦ୍ୟ ପାନୀୟ ଭଳି କାର୍ଯ୍ୟକରୁଥିବା ଏଥିରୁ ଜଣାପଡେ । ଉଭୟ ଭଲ ସଂର୍ପକରେ ଚାଲୁଛନ୍ତି ବର୍ତ୍ତମାନ ।  ଏହା ରାଜ୍ୟ ମହିଳା ଆୟୋଗଙ୍କ ଗୋଟିଏ ସଫଳ କାହାଣୀ ।

*ଯେଉଁ ପରିବାରରେ ନାରୀ ପୂଜ୍ୟା,*

*ସେ ପରିବାରରେ ଦେବତାମାନେ ଆତଯାତ ହୁଅନ୍ତି ।*

❖❖❖



**କେସ୍ ନଂ: ୧୭୮/୨୦**

**ଜିଲ୍ଲା : ଭଦ୍ରକ**

**ପକ୍ଷ : ଟୁନି ସାହୁ**

**ଅପର ପକ୍ଷ : ସରୋଜ କୁମାର ସାହୁ (ସ୍ୱାମୀ)**

**କେସ୍ ପ୍ରକାର : ଯୌତୁକ ନିର୍ଯ୍ୟାତନା ଓ ପରିତ୍ୟାଗ (ଛାଡ଼ପତ୍ର)ଜନିତ ଘଟଣା ।**

ଅଭିଯୋଗକାରିଣୀ ଟୁନି ସାହୁ ଏଠାରେ ତାଙ୍କ ସ୍ୱାମୀ ସରୋଜ କୁମାର ସାହୁଙ୍କ ବିରୁଦ୍ଧରେ ରାଜ୍ୟ ମହିଳା ଆୟୋଗଙ୍କ ନିକଟରେ ଯୌତୁକ ନିର୍ଯ୍ୟାତନା ନେଇ ଅଭିଯୋଗ କରିଥିଲେ । ଅଭିଯୋଗରେ ସେ କହିଥିଲେ ଯେ ଗତ ୧୦ ବର୍ଷ ତଳେ ସେ ସରୋଜ କୁମାର ସାହୁଙ୍କୁ ବିବାହ କରିଥିଲେ ଓ ୨ଟି ପୁତ୍ର ସନ୍ତାନ ସହ ଜୀବନ ଅତିବାହିତ କରି ଆସୁଥିଲେ । ପରେ ଯୌତୁକ ନିର୍ଯ୍ୟାତନା ଓ ପାରିବାରିକ ସମସ୍ୟାକୁ କେନ୍ଦ୍ର କରି ଦୁହିଁଙ୍କ ମଧ୍ୟରେ ଭେଦଭାବ କାରଣରୁ ଟୁନି ସାହୁ ତାଙ୍କ ପିଲାଙ୍କୁ ନେଇ ବାପଘରେ ରହୁଥିଲେ । ଏବେ ସେ ଏହାର ସମାଧାନ ଓ ବୁଝାମଣା ନିମନ୍ତେ ରାଜ୍ୟ ମହିଳା କମିଶନ୍‌ଙ୍କ ପାଖରେ ଅଭିଯୋଗ ଆଣିଥିଲେ ।

ଅଭିଯୋଗ ପାଇ ମହିଳା ଆୟୋଗ ଦୁହିଁଙ୍କ ପରିବାର ସଦସ୍ୟଙ୍କ ଉପସ୍ଥିତିରେ ଉଭୟପକ୍ଷଙ୍କ ସମସ୍ୟାକୁ କେନ୍ଦ୍ର କରି ଆପୋଷ ବୁଝାମଣା ପାଇଁ ପରାମର୍ଶ ଦେଇଥିଲେ । ପରବର୍ତ୍ତୀ ସମୟରେ ଦୁହିଁଙ୍କ ମିଳାମିଶା ପରେ ବୁଝାମଣା ହେତୁ ଦୁହେଁ ସୁଖଦାୟକ ଜୀବନ ଅତିବାହିତ କରୁଥିବା ଦେଖିବାକୁ ମିଳିଥିଲା । ଏହି ସଫଳତା ପାଇଁ ଆଉ ପୁର୍ଣ୍ଣ କାର୍ଯ୍ୟାନୁଷ୍ଠାନ ନ କରି ଉଭୟଙ୍କୁ ଖୁସିରେ ଜୀବନ ଜାପନ କରିବାକୁ ପରାମର୍ଶ ଦିଆଗଲା । ଏହା ମଧ୍ୟ କୁହାଗଲା ଯେ ଆବଶ୍ୟକ ପଡିଲେ ପକ୍ଷମାନେ ପୁନଶ୍ଚ ରାଜ୍ୟ ମହିଳା କମିଶନ୍‌ର ସହାୟତା ନେଇପାରିବେ ।

କିନ୍ତୁ ତା: ୦୧.୧୨.୨୧ ରେ ପୁନଶ୍ଚ ଅଭିଯୋଗକାରିଣୀ ଟୁନି ସାହୁ ସ୍ୱାମୀଙ୍କ ବିରୁଦ୍ଧରେ ଅଭିଯୋଗ ଆଣି ତାଙ୍କ ସହିତ ରହିପାରିବେ ନାହିଁ ବୋଲି କହିଥିଲେ । ସ୍ୱାମୀ ଚାହୁଁଥିଲେ ମଧ୍ୟ ପୁନଶ୍ଚ ମିଳାମିଶା ସମ୍ଭବ ନ ହେବାରୁ ମହିଳା କମିଶନ୍ ତାଙ୍କ ସମସ୍ୟାର ସମାଧାନ ଉପଯୁକ୍ତ ନ୍ୟାୟାଳୟ ମାଧ୍ୟମରେ କରିବାକୁ ନିଷ୍ପତି ନେଲା । ଏହାର ସାତ ଦିନ ପରେ ତଥା ତା: ୦୭.୧୨.୨୧ ଦିନ ଅଭିଯୋଗକାରିଣୀ ଟୁନି ସାହୁ ନିଜ ଭୁଲ ବୁଝିପାରି ଶିଶୁପୁତ୍ର ମାନଙ୍କ ଭବିଷ୍ୟତ ନିମନ୍ତେ ସ୍ୱାମୀ ସରୋଜ କୁମାର ସାହୁଙ୍କ ସହ ମିଳିମିଶି ରହିବାକୁ ନିଜର ଇଚ୍ଛା ପ୍ରକାଶ କଲେ ଓ ଉଭୟ ପକ୍ଷଙ୍କ ସହମତିରେ ଦୁହିଁଙ୍କୁ ଏକାଠି ରହିବା ପାଇଁ ରାଜ୍ୟ ମହିଳା କମିଶନ୍ ସମ୍ମତି ପ୍ରଦାନ କଲେ । ❖

ଜିଲ୍ଲା : ଖୋର୍ଦ୍ଧା                                   କେସ୍ ନଂ: ୧୮୬/୨୦

ପକ୍ଷ : ମାଳତୀ ବିଷୋଇ (ଶାଶୂ)               ଅପର ପକ୍ଷ : ବୋହୂ

କେସ୍ ପ୍ରକାର : ଘରର ବୋହୂ ଦ୍ୱାରା ୭୦ ବର୍ଷର ଶାଶୂ ଘରୋଇ ହିଂସାର ଶିକାର ।

ଯେଉଁ ବୟସରେ ପୁଅ, ବୋହୂ, ନାତି, ନାତୁଣୀଙ୍କ ସହ ହସଖୁସିରେ ରହିବା କଥା, ସେହି ବୟସରେ ସେ ହେଉଥିଲେ ପାରିବାରିକ କଳହ ତଥା ଘରୋଇ ହିଂସାର ଶିକାର । ଏହିଭଳି କିଛି ଅଭିଯୋଗ ନେଇ ମହିଳା ଆୟୋଗଙ୍କ ଦ୍ୱାରସ୍ଥ ହୋଇଥିଲେ ଖୋର୍ଦ୍ଧା ଜିଲ୍ଲାର ମାଳତୀ ବିଷୋଇ (ଛଦ୍ମନାମ) । ପୁଅ, ବୋହୂ, ନାତି, ନାତୁଣୀଙ୍କ ମୁହଁକୁ ଦେଖି ସେ ସ୍ୱାମୀ ମରିଯିବା ଦୁଃଖର କୋହକୁ ଛାତିରେ ଚାପିଦେଇଥିଲେ । ପରିବାର ବି ବେଶ୍ ହସଖୁସିରେ ଚାଲିଥିଲା । ଏହି ହସଖୁସିର ପରିବାରକୁ କାହାର ନଜର ଲାଗିଯାଇଥିଲା । ମାଳତୀଙ୍କ ଜୀବନରେ ଦେଖା ଦେଇଥିଲା ଦୁଃଖର କଳାବାଦଲ । ମାଳତୀଙ୍କୁ ପ୍ରାୟ ୭୦ ବର୍ଷ ହେବ । ଆଖିକୁ କିଛି ଭଲ ଭାବରେ ଦେଖାଯାଏନି । ଏହି ସୁଯୋଗର ଫାଇଦା ଉଠାଇବାକୁ ଯାଇ ତାଙ୍କ ଗ୍ରାମର କେତେକ ଖଳ ତଥା ଖରାପ ଚରିତ୍ରର ଲୋକ ପୁଅ ଓ ବୋହୂଙ୍କ ମଧ୍ୟରେ କଳହର ଫାଟ ସୃଷ୍ଟି କରିଥିଲେ । ପୁଅ ଘରେ ନଥିବା ବେଳେ ସେମାନେ ଘରକୁ ଆସି ବୋହୂ ସହ କଥୋପକଥନ ତଥା ମିଳାମିଶା କରନ୍ତି । ଯାହା ଫଳରେ ପୁଅ, ବୋହୂଙ୍କ ମଧ୍ୟରେ ମତାନ୍ତରର ଫାଟ ସୃଷ୍ଟି ହୋଇଥିଲା । ଏପରିକି ପୁଅ ବୋହୂ ପରସ୍ପର ମଧ୍ୟରେ ଶୋଧାବକା, ମାଡ଼ ପରାମରି ମଧ୍ୟ ହୋଇଥିଲା । ଯେତେ ବୁଝାଇବା ତଥା ବାରଣ ସତ୍ତ୍ୱେ ମଧ୍ୟ ବୋହୂର ଆଚରଣରେ କିଛି ପରିବର୍ତ୍ତନ ହୋଇନଥିଲା ।  ପରିସ୍ଥିତି କିଛି ଏହିଭଳି ହୋଇଥିଲା ଯେ କାହାକୁ କିଛି ନ କହି ବୋହୂର ଘର ଲୋକ ବୋହୂ ଓ ତାଙ୍କ ଦୁଇ ପିଲାଙ୍କୁ ତାଙ୍କ ଘରକୁ ନେଇଯାଇଥିଲେ । ଘରକୁ ବୋହୂ ଓ ନାତି, ନାତୁଣୀଙ୍କୁ ଫେରାଇ ଆଣିବା ପାଇଁ ମାଳତୀ ବହୁ ଚେଷ୍ଟା କରିଥିଲେ କିନ୍ତୁ କିଛି ସୁଫଳ ମିଳୁନଥିଲା ।

ଏତେ ପରେ ମଧ୍ୟ ମାଳତୀ ଧୈର୍ଯ୍ୟହରା ନ ହୋଇ ରାଜ୍ୟ ମହିଳା ଆୟୋଗଙ୍କ ଆଶ୍ରୟ ନେଇଥିଲେ । ମହିଳା ଆୟୋଗ ତଥା ଅଧ୍ୟକ୍ଷା ମହୋଦୟା ଏହି ଅଭିଯୋଗକୁ ଗୁରୁତର ର ସହ ନେଇଥିଲେ । ତାରିଖ ଧାର୍ଯ୍ୟ କରି ଦୁଇ ପକ୍ଷଙ୍କୁ ଆଲୋଚନା ପାଇଁ ଡକାଯାଇଥିଲା । ଆଲୋଚନାରେ

ଉଭୟ ପକ୍ଷ ନିଜ ନିଜ ଭୁଲ୍ ବୁଝିପାରିଥିଲେ ଏବଂ ପିଲାମାନଙ୍କ ଭବିଷ୍ୟତ କଥା ଚିନ୍ତାକରି ଏକତ୍ର ମିଳିମିଶି ହସଖୁସିରେ ରହିବାକୁ ମନସ୍ଥ କଲେ ଏବଂ ଏହି ସଂପର୍କରେ ଲିଖିତ ଆକାରରେ ଅଧକ୍ଷା ମହୋଦୟାଙ୍କୁ ଦେଇଥିଲେ । ଭବିଷ୍ୟତରେ କିଛି ସହାୟତା ଦରକାର ପଡିଲେ ମହିଳା ଆୟୋଗ ସହାୟତାର ହାତ ବଢାଇବ ବୋଲି ଅଧକ୍ଷା ମହୋଦୟା ପ୍ରତିଶ୍ରୁତି ଦେଇଥିଲେ । ଏଥି ସହିତ ମାଳତୀ ଅଧକ୍ଷା ତଥା ମହିଳା ଆୟୋଗଙ୍କୁ ଅନେକ କୃତଜ୍ଞତା ଜ୍ଞାପନ କରିଥିଲେ ।

ଏବେ ମାଳତୀ ଦେବୀ ନାତି, ନାତୁଣୀଙ୍କ ଗହଣରେ ଖୁସିରେ ଜୀବନ ବିତାଉଛନ୍ତି । ଏହା ସମ୍ଭବ ହେଲା କେବଳ ରାଜ୍ୟ ମହିଳା ଆୟୋଗଙ୍କ ହସ୍ତକ୍ଷେପ ଓ ଉତ୍ତମ ବିଚାର ହେତୁ ।

*ଯେଉଁ ଜାତି ନାରୀକୁ ସମ୍ମାନ ଦେଇଛି,*

*ସେ ଜାତି ସେତେ ପ୍ରଗତି କରିଛି ।*



ଜିଲ୍ଲା : କଟକ

କେସ୍ ନଂ: ୨୭୩/୧୯

ପକ୍ଷ : ନନ୍ଦିନୀ ବେହେରା

ଅପର ପକ୍ଷ : କୁଲୁ ବେହେରା (ସ୍ୱାମୀ)

କେସ୍ ପ୍ରକାର : ଯୌତୁକ ନିର୍ଯ୍ୟାତନା ଓ ଘରୋଇ ହିଂସା

ଅଭିଯୋଗକାରିଣୀ କଟକ ଜିଲ୍ଲାର ନନ୍ଦିନୀ ବେହେରା ତାଙ୍କ (ସ୍ୱାମୀ) କୁଲୁ ବେହେରାଙ୍କୁ ପ୍ରାୟ ତିନି ବର୍ଷ ତଳେ ବିବାହ କରିଥିଲେ ଓ ସେ ଏକ ପୁତ୍ର ସନ୍ତାନର ଜନନୀ । ଉଭୟ ପକ୍ଷମାନଙ୍କ ମଧ୍ୟରେ ଯୌତୁକ ଓ ପାରିବାରିକ ସମସ୍ୟାକୁ କେନ୍ଦ୍ରକରି ଅଭିଯୋଗକାରିଣୀ ନନ୍ଦିନୀ ବେହେରା ଶିଶୁପୁତ୍ର ସହ ବାପ ଘରେ ପ୍ରାୟ ଏକ ବର୍ଷ ହେବ ଆଶ୍ରୟ ନେବା ସହ ସ୍ୱାମୀଙ୍କ ସହିତ ଆପୋଷ ସମାଧାନ ପାଇଁ ଆଗ୍ରହ ପ୍ରକାଶ କରିଥିଲେ । ଏଣୁ ରାଜ୍ୟ ମହିଳା ଆୟୋଗଙ୍କ ନିକଟରେ ଆବେଦନ କଲେ ।

ଏହା ପରେ ରାଜ୍ୟ ମହିଳା ଆୟୋଗ ଉଭୟ ପକ୍ଷଙ୍କ ଆପୋଷ ବୁଝାମଣା ପାଇଁ ପଦକ୍ଷେପ ନେଲେ ଏବଂ ସମସ୍ୟାର ସମାଧାନ ନିମନ୍ତେ ନନ୍ଦିନୀ ଓ କୁଲୁଙ୍କୁ ଆୟୋଗ ତରଫରୁ ନୋଟିସ୍ କରାଯାଇଥିଲା । ପରେ ପକ୍ଷମାନଙ୍କ ଉପସ୍ଥିତିରେ ସମସ୍ୟାର ଆଲୋଚନା କରାଗଲା ଓ ଉଭୟ ଉଭୟଙ୍କ ଭୁଲ୍ ବୁଝିପାରି ମିଳିମିଶି ରହିବାକୁ ନିଷ୍ପତି ନେଲେ । ସେମାନଙ୍କର ପିତା ମାତା ମଧ୍ୟ ଏଥିରେ ସହମତି ପ୍ରଦାନ କଲେ ।

ପୁନଶ୍ଚ ତା: ୨୧.୦୬.୧୯ ରେ ଦୁହିଁଙ୍କ ଜୀବନ ଜାପନ କେମିତି କଟୁଛି ଜାଣିବା ନିମନ୍ତେ ହାଜର ହେବା ପାଇଁ କମିଶନ୍ ତରଫରୁ ଜଣାଇ ଦିଆଗଲା । ନିର୍ଦ୍ଦିଷ୍ଟ ତାରିଖ ଦିନ ଦରଖାସ୍ତକାରିଣୀ ନନ୍ଦିନୀ ବେହେରା ଶରୀର ଅସୁସ୍ଥ ଥିବାରୁ ହାଜର ହୋଇ ପାରିନଥିଲେ ମଧ୍ୟ ତାଙ୍କ ସ୍ୱାମୀ, ଶାଶୂ ଏବଂ ଶ୍ୱଶୁରଙ୍କ ଉପସ୍ଥିତିରେ ତାଙ୍କର ଶାଶୂଘରେ ରହଣୀ ସଂପର୍କରେ ଜାଣିବାକୁ ମିଳିଥିଲା । ସେମାନେ ଏକତ୍ର ମିଳିମିଶି ଖୁସିରେ ଚଳୁଥିଲେ ଓ ଆଗକୁ ମଧ୍ୟ ସେମିତି ଚଳିବେ ଏବଂ ତାଙ୍କ ସ୍ତ୍ରୀ ତଥା ପିଲାର ଭଲରେ ଯତ୍ନ ନେବେ ବୋଲି ମହିଳା ଆୟୋଗଙ୍କ ସାମ୍ନାରେ କଥା ଦେଲେ ।

ଏହା ସମ୍ଭବ ହେଲା କେବଳ ରାଜ୍ୟ ମହିଳା ଆୟୋଗଙ୍କର ଦୃଢ଼ ହସ୍ତକ୍ଷେପ ଯୋଗୁଁ ।

ଜିଲ୍ଲା : କଟକ                କେସ୍ ନଂ: ୨୨୦/୨୦

........................................................................................................................

ପକ୍ଷ : ବନ୍ଦନା ମଲ୍ଲିକ                ଅପର ପକ୍ଷ : ସ୍ୱାମୀ, ଶାଶୂ, ଶ୍ୱଶୁର

........................................................................................................................

କେସ୍ ପ୍ରକାର : ଯୌତୁକ ନିର୍ଯ୍ୟାତନା ଓ ପରିତ୍ୟାଗ (ଛାଡ଼ପତ୍ର ସଂକ୍ରାନ୍ତରେ ।।

........................................................................................................................

ଦରଖାସ୍ତକାରିଣୀଙ୍କ ଅଭିଯୋଗ ଅନୁସାରେ ବିବାହର ଚତୁର୍ଥ ବର୍ଷରେ ସ୍ୱାମୀ ଶାଶୁ ଓ ଶଶୁର ଅଧିକ ଯୌତୁକ ଦାବିକରି ଘରୁ ତଡି ଦିଅନ୍ତି ।

ଉକ୍ତ ଦରଖାସ୍ତକାରିଣୀ ବନ୍ଦନା ମଲ୍ଲିକ (ଛଦ୍ମନାମ) ବୟାନ ଦିଅନ୍ତି ଯେ ସ୍ୱାମୀ ବିବାହର ପ୍ରସ୍ତାବ ସମୟରେ ନିଜକୁ ସଫ୍ଟୱେୟାର୍ ଇଞ୍ଜିନିୟର ବୋଲି କହି ବିଶ୍ୱାସର ଭାଜନ ହୋଇଥିଲେ । କିନ୍ତୁ ବିବାହ ପରଠାରୁ ଚାରିବର୍ଷ ବିତିଯାଇଥିଲେ ମଧ୍ୟ କୌଣସି ଜୀବିକା ନିର୍ବାହ ନକରି ଗାଁ ରେ ବୁଲାବୁଲି କରି ସମୟ ଅତିବାହିତ କରୁଥିଲେ । ଅଭିଯୋଗକାରିଣୀ  ତାଙ୍କ ସ୍ତ୍ରୀ ଏସବୁ କଥାକୁ ପ୍ରତିବାଦ କରିବାରୁ ସ୍ୱାମୀଙ୍କ ସହ ମିଶି ଶାଶୂ ଓ ଶ୍ୱଶୁର ଅକଥିତ ଏବଂ ନିନ୍ଦନୀୟ ଶାରୀରିକ ଏବଂ ମାନସିକ ଅତ୍ୟାଚାର କରନ୍ତି । ଏବଂ ପୁନଶ୍ଚ ବାପଘରୁ ନଗଦ ଦେଢଲକ୍ଷ ଟଙ୍କା ଆଣିବାକୁ ବାଧ୍ୟ କରନ୍ତି । ଟଙ୍କା ନ ଆଣିଲେ ନିର୍ଯ୍ୟାତନା ବଢ଼ିବ ବୋଲି ଚେତାବନୀ ମଧ୍ୟ ଦିଅନ୍ତି ।

ଏଣୁ ବନ୍ଦନା ମଲ୍ଲିକ ମାତ୍ରାଧିକ ନିର୍ଯ୍ୟାତନାକୁ ସହ୍ୟ କରି ନପାରି ନ୍ୟାୟ ପାଇଁ ରାଜ୍ୟ ମହିଳା ଆୟୋଗଙ୍କ ଦ୍ୱାରସ୍ଥ ହେଲେ ।  ଅଭିଯୋଗ ଗ୍ରହଣ କରିବା ପରେ ମହିଳା ଆୟୋଗ ତୁରନ୍ତ ଅନ୍ୟ ଏକ ତାରିଖ ଧାର୍ଯ୍ୟ କରି ଉଭୟ ପକ୍ଷଙ୍କୁ ଡାକି ଶୁଣାଣି ଆରମ୍ଭ କରନ୍ତି । ତେବେ ମହିଳା ଆୟୋଗର ସଦସ୍ୟାଙ୍କ ଆଗରେ ଅପରପକ୍ଷ ଯେ କି ବନ୍ଦନାଙ୍କ ସ୍ୱାମୀ, ଶାଶୂ ଓ ଶ୍ୱଶୁର ପ୍ରତିଟି ଅଭିଯୋଗକୁ ଖଣ୍ଡନ କରିବା ସହ ଅଭିଯୋଗକାରିଣୀଙ୍କ ବିରୁଦ୍ଧରେ ପାଲଟା ଅଭିଯୋଗ କରନ୍ତି ଯେ ବିବାହ ପରଠାରୁ ଆଜି ପର୍ଯ୍ୟନ୍ତ ଗୋଟେ ବୋହୂର କୌଣସି କର୍ତ୍ତବ୍ୟ ନ କରି ଘରେ ଅନାବଶ୍ୟକ ଝଗଡା କରନ୍ତି ।

ମହିଳା ଆୟୋଗଙ୍କ ଦ୍ୱାରା ଧାର୍ଯ୍ୟ କରାଯାଇଥିବା ଆଉ ଏକ ତାରିଖରେ ଅଭିଯୋଗକାରିଣୀଙ୍କ ସ୍ୱାମୀ, ଚାକିରି କରିଥିବା କମ୍ପାନୀ ଦ୍ୱାରା ସ୍ୱୀକୃତିପ୍ରାପ୍ତ ପରିଚୟ ପତ୍ର ଦାଖଲ କରନ୍ତି । ଉଭୟପକ୍ଷଙ୍କ ଆରୋପ ଓ ପ୍ରତ୍ୟାରୋପରୁ ସ୍ପଷ୍ଟ ହୁଏ ଯେ ବୋହୂ ଜ୍ଞାତ ଅବସ୍ଥାରେ ନିଜ କର୍ତ୍ତବ୍ୟର ଅବହେଳା କରୁଥିଲେ । ଶ୍ୱଶୁର ଘର ଲୋକେ ମଧ୍ୟ ଏସବୁ କାରଣରୁ ବୋହୂ ଉପରେ ଅସନ୍ତୁଷ୍ଟ ପ୍ରକାଶ କରୁଥିଲେ ।

ଅନେକ ପ୍ରକାରର ଆପୋଷ ବୁଝାବଣା ପରେ ମହିଳା ଆୟୋଗ ସଦସ୍ୟାଙ୍କ ଉପସ୍ଥିତିରେ ବୋହୂ ନିଜର ଭୁଲ୍ ସ୍ୱୀକାର କଲେ । ସ୍ୱାମୀ, ଶାଶୂ ଓ ଶ୍ୱଶୁର ମଧ୍ଯ ବୋହୂଙ୍କ ଭୁଲ୍‌କୁ କ୍ଷମା କରି ତାଙ୍କୁ ଆଦରି ନେବେ ବୋଲି ପ୍ରତିଶ୍ରୁତି ଦେଲେ । ଏମିତି ଭାବରେ ଏକ ପରିବାର ଏକତ୍ର ହେଲା । ସମସ୍ତେ ମିଳିମିଶି ଘରକୁ ଗଲେ ।


"ନିଜର କର୍ତ୍ତବ୍ୟ ବଳରେ ନାରୀ ଏ ସମାଜରେ ଶ୍ରେଷ୍ଠ ଭାବରେ ପରିଚିତ ହୁଏ, ତେଣୁ କରି ଶ୍ରେଷ୍ଠତ୍ୱ ବଜାଇ ରଖିବା ପାଇଁ ପ୍ରତ୍ୟେକଟି ନାରୀ ନିଜର କର୍ତ୍ତବ୍ୟକୁ ମନେରଖିବା ନିହାତି ଆବଶ୍ୟକ ।"

***ନାରୀ ଯୁଗେଯୁଗେ କଲ୍ୟାଣମୟୀ, କୃପାମୟୀ, ସ୍ନେହମୟୀ ଓ କରୁଣାମୟୀ ।***

***ନାରୀକୁ ଉପଯୁକ୍ତ ସମ୍ମାନ ଦିଅନ୍ତୁ, ଦେଶର ପ୍ରଗତିରେ ସହାୟ ହୁଅନ୍ତୁ ।***

***ନାରୀ ହସିଲେ ପରିବାର ହସିବ ।***

❖❖❖



ଜିଲ୍ଲା : ଖୋର୍ଦ୍ଧା (ଭୁବନେଶ୍ୱର) କେସ୍ ନଂ: ୨୯/୨୧

ପକ୍ଷ : ନିର୍ଲିପ୍ତା ପରିଡ଼ା ଅପର ପକ୍ଷ : ଶାଶୂ, ନଣନ୍ଦ

କେସ୍ ପ୍ରକାର : ଘରୋଇ ହିଂସା ଓ ପାରିବାରିକ ମାନସିକ ନିର୍ଯ୍ୟାତନା

ରୋଜଗାର କ୍ଷମ ହୋଇ ମଧ୍ୟ ଶାଶୂ, ନଣନ୍ଦଙ୍କ ଦ୍ୱାରା ନିର୍ଯ୍ୟାତିତା ହେଉଥିବାର ଅଭିଯୋଗ ରାଜ୍ୟ ମହିଳା ଆୟୋଗଙ୍କ ନିକଟକୁ ଆଣିଛନ୍ତି ଭୁବନେଶ୍ୱରର ନିର୍ଲିପ୍ତା ପରିଡା (ଛଦ୍ମନାମ) ।

ନିର୍ଲିପ୍ତା ଏକଥା ମଧ୍ୟ ଅଭିଯୋଗ କଲେ ଯେ ଶାଶୂଘର ଲୋକେ ତାଙ୍କ ବାପା, ମାଆଙ୍କୁ ମଧ୍ୟ ଅସମ୍ମାନ ତଥା କୁବ୍ୟବହାର ପ୍ରଦର୍ଶନ କରୁଛନ୍ତି । ଏପରିକି ବୋହୂର ହାତରୁ ମେହେନ୍ଦୀ, ପାଦରୁ ଅଳତା ନ' ଛାଡୁଣୁ ତା' ଉପରେ ଘରର ସମସ୍ତ କାର୍ଯ୍ୟଭାର ଲଦିଦେଇ ଥିଲେ ଶାଶୁ ଓ ନଣନ୍ଦ । ଘର କାମରେ ସାହାଯ୍ୟ କରିବା ତ ଦୂରର କଥା, ନିର୍ଲିପ୍ତା ଯେତେ କାମ କଲେ ବି ଶାଶୁ, ନଣନ୍ଦ ତାଙ୍କ ଉପରେ ଅସନ୍ତୁଷ୍ଟ ରହୁଥିଲେ । ପରେ ପରେ ଆରମ୍ଭ ହୋଇଯାଇଥିଲା ଶାରୀରିକ ଓ ମାନସିକ ନିର୍ଯ୍ୟାତନା । ନିର୍ଲିପ୍ତାଙ୍କୁ ମାଡ ମାରିବା ଏବଂ ଦୁର୍ବ୍ୟବହାର କରି ସେମାନଙ୍କର ନିତିଦିନିଆ ଅଭ୍ୟାସରେ ପରିଣତ ହୋଇଯାଇଥିଲା ।

ତେବେ ବୋହୂଟି ନିଜ ଭାଗ୍ୟକୁ ଆଦରି ଏସବୁକୁ ସହି ନେଉଥିଲା । ସ୍ୱାମୀ ଓ ଶ୍ୱଶୁର ନିର୍ଲିପ୍ତାଙ୍କ ପ୍ରତି ହେଉଥିବା ଏଭଳି ଅମାନବିକ ବ୍ୟବହାରକୁ ଦୃଢ ବିରୋଧ କରୁଥିଲେ ମଧ୍ୟ ଏହାର ଓଲଟା ପରିଣାମ ଦେଖିବାକୁ ମିଳିଥିଲା । ପରବର୍ତ୍ତୀ ସମୟରେ ପରିସ୍ଥିତି ଏପରି ହେଲା କି, ନିର୍ଲିପ୍ତା ଏବଂ ତାଙ୍କ ସ୍ୱାମୀଙ୍କୁ ଖାଇବାକୁ ଦିଆ ନ ଯାଇ ଉପାସ ରଖାଗଲା । ଉଭୟଙ୍କୁ ରାତିରେ ଘରୁ ବାହାର କରିଦେଇ ତାଲା ପକାଇ ଦିଆଯାଉଥିଲା । ପରିସ୍ଥିତି ସୀମା ଲଂଘିଥିଲା, ଯେତେବେଳେ ନିର୍ଲିପ୍ତା ଗର୍ଭବତୀ ଥିବା ଜାଣିବା ପରେ ବି ନଣନ୍ଦ ତାଙ୍କ ପେଟକୁ ଗୋଇଠା ମାରିଥିଲା । ଶେଷରେ ଧୈର୍ଯ୍ୟହରା ହୋଇ କୁଳବଧୂ ନିର୍ଲିପ୍ତା ରାଜ୍ୟ ମହିଳା କମିଶନଙ୍କ ଦ୍ୱାରସ୍ଥ ହୋଇଥିଲେ ।

ଅଭିଯୋଗ ପାଇବା ପରେ ଆୟୋଗ ତାରିଖ ଧାର୍ଯ୍ୟ କରି ଶୁଣାଣି ପାଇଁ ଉଭୟ ପକ୍ଷଙ୍କୁ ଡକାଗଲା । ଆଲୋଚନା ବେଳେ ଦୁଇ ପକ୍ଷ ପରସ୍ପର ମଧ୍ୟରେ ଦୋଷାରୋପ କରିଥିଲେ । ମହିଳା

ଆୟୋଗ ବୋହୂର ଉପରେ ହେଉଥିବା ଅତ୍ୟାଚାରକୁ ଗୁରୁତର ସହ ବିଚାରକୁ ନେଇଥିଲେ । ବହୁ ଆଲୋଚନା ତଥା ବୁଝାମଣା ପରେ ଶେଷରେ ନିଷ୍କର୍ଷ ବାହାରିଲା ଯେ ଉଭୟ ଉଭୟଙ୍କ ବ୍ୟକ୍ତିଗତ ଜୀବନରେ ହସ୍ତକ୍ଷେପ ନ' କରି ସମ୍ମାନର ସହ ଚଳିବେ ।

ଏଥିରେ ପକ୍ଷମାନେ ସହମତି ପ୍ରଦାନ କରିଛନ୍ତି । ପୁନଶ୍ଚ ଅସୁବିଧା ସୃଷ୍ଟି ହେଲେ ପକ୍ଷମାନେ ଅଦାଲତର ଆଶ୍ରୟ ନେବେ ବୋଲି ସହମତି ଦେଇଥିଲେ ଏବଂ ବର୍ତ୍ତମାନ ପାଇଁ କେସ୍‌କୁ ଆୟୋଗ କାର୍ଯ୍ୟାଳୟରେ ସ୍ଥଗିତ ରଖାଯାଇଛି । ଏହା ସହ ନିର୍ଲିପ୍ତା ମହିଳା ଆୟୋଗଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ ।

*ନାରୀ ପରିବାରର କେନ୍ଦ୍ର । ଗୋଟିଏ ନାରୀ ୭/୮ଜଣ ସଦସ୍ୟ ବିଶିଷ୍ଟ ପରିବାରକୁ ସୁପରିଚାଳନା କରିବାର ସମସ୍ତ ଦକ୍ଷତା ନିଜ ଭିତରେ ରଖିଥାଏ । ତେଣୁ ନାରୀ ପ୍ରତି ଘରୋଇ ହିଂସା ବନ୍ଦ କରନ୍ତୁ, ପରିବାରର ସମ୍ମାନ ରକ୍ଷା କରନ୍ତୁ ।*

❖❖❖



ଜିଲ୍ଲା : ବରଗଡ଼

କେସ୍ ନଂ: ୧୨୧/୧୯

ପକ୍ଷ : ତିଳୋତ୍ତମା ସାହୁ

ଅପର ପକ୍ଷ : ସ୍ୱାମୀ ଓ ସ୍ୱାମୀଙ୍କର ପରିବାର

କେସ୍ ପ୍ରକାର : ଘରୋଇ ହିଂସା ଜନିତ ମାନସିକ ନିର୍ଯ୍ୟାତନା

ଶ୍ରୀମତୀ ତିଳୋତ୍ତମା ସାହୁ ତା.୯.୬.୨୦୧୯ ରିଖରେ ଅଭିଯୋଗ ଦେଇ ଜଣାନ୍ତି ସେ ସ୍ୱାମୀ ଓ ପରିବାର ଦ୍ୱାରା ଶାରିରୀକ ଓ ମାନସିକ ନିର୍ଯ୍ୟାତନା ପାଇ ବାପଘରେ ଆଶ୍ରିତ । ତାଙ୍କ ବୟାନରେ ସେ ଜଣାନ୍ତି ବିବାହ ପରଠାରୁ ସ୍ୱାମୀ ସାମାନ୍ୟ ଘରୋଇ କଥାରେ ସର୍ବଦା ଶାରିରୀକ ଓ ମାନସିକ ନିର୍ଯ୍ୟାତନା ଦିଅନ୍ତି । ଏହା ମଧ୍ୟରେ ତାଙ୍କର ଏକ କନ୍ୟା ସନ୍ତାନ ଜନ୍ମ ହୋଇଥିଲା । କନ୍ୟା ସନ୍ତାନ ଜନ୍ମ ଦେଇଥିବାରୁ ତାଙ୍କ ଉପରେ ସ୍ୱାମୀଙ୍କ ଅତ୍ୟାଚାର ବଢି ଚାଲିଲା । ସେ ନିରାଶ ହୋଇ ବାପ ଘରର ଆଶ୍ରୟ ନେଇଥିଲେ । ବାପଘର ତରଫରୁ ବାରମ୍ବାର ବନ୍ଧୁବାନ୍ଧବ ମାଧ୍ୟମରେ ସମାଧାନ ପାଇଁ ଚେଷ୍ଟା କରାଯାଇଥିଲେ ମଧ୍ୟ ସ୍ୱାମୀ ସମସ୍ତଙ୍କୁ ଅପମାନ ଦେଇ ଘଉଡାଇ ଦେଇଥିଲେ । ଏହାପରେ ସେ ମହିଳା କମିଶନର ଆଶ୍ରୟ ନେବାକୁ ବାଧ୍ୟ ହୋଇଥିଲେ ।

କମିଶନ ତରଫରୁ ଆଠଥର ନୋଟିସ କରାଯାଇ ଉଭୟପକ୍ଷଙ୍କ ମଧ୍ୟରେ ଆପୋଷ ଆଲୋଚନା ପାଇଁ ଡକାଯାଇଥିଲା । ସେମାନଙ୍କ ମଧ୍ୟରେ ଥିବା ମନୋମାଳିନ୍ୟ ଓ ଉପୁଜିଥିବା ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇ ଏକତ୍ର ମିଳିମିଶି ରହିବାକୁ ପରାମର୍ଶ ଦିଆଯାଇଥିଲା । ପ୍ରତିପକ୍ଷଙ୍କର ଅତ୍ୟାଧିକ ମଦ୍ୟପାନକୁ ନେଇ ବାରମ୍ବାର ଗଣ୍ଡଗୋଳ ଓ ଉପୁଜିଥିବା ଲକ୍ଷ୍ୟ କରାଯାଏ ।

ପ୍ରତିପକ୍ଷ ତାଙ୍କର ଲିଖିତ ବୟାନ ଦେଇ ମାଡ ନ ମାରିବାକୁ ଲିଖିତ ପ୍ରତିଶୃତି ଦିଅନ୍ତି । ମାତ୍ର ଦରଖାସ୍ତକାରିଣୀ ସ୍ୱାମୀ ପାଖରେ ତାଙ୍କର ଓ ଝିଅର ଜୀବନକୁ ବିପଦପୂର୍ଣ୍ଣ ମନେ କରନ୍ତି । ସେ ଜଣାନ୍ତି ସ୍ୱାମୀ ତାଙ୍କ ଝିଅକୁ ମାରିଦେବାର ଯୋଜନା କରୁଥିବା ସେ ସନ୍ଦେହ କରନ୍ତି । ଦରଖାସ୍ତକାରିଣୀ ମଧ୍ୟ ଝିଅର ଓ ତାଙ୍କର ଭବିଷ୍ୟତ ପାଇଁ ସ୍ୱାମୀ ପାଖକୁ ଫେରିବାକୁ ନାରାଜ ଜଣାଇ ସ୍ୱାମୀଠାରୁ ଛାଡପତ୍ର ନେବାକୁ ଜିଦ୍ କରନ୍ତି । ମାତ୍ର ପ୍ରତିପକ୍ଷ ଛାଡପତ୍ର ଦେବାକୁ ନାରାଜ । ଦରଖାସ୍ତକାରିଣୀ ଝିଅର ଭରଣପୋଷଣ ଦାବୀ କରିବାରୁ ପ୍ରତିପକ୍ଷଙ୍କ ସହ ଆଲୋଚନା କରାଯାଇ ପ୍ରତିପକ୍ଷଙ୍କୁ ମାସକୁ ଝିଅପାଇଁ ptrଙ୍କୁ account ଏକ ଜଣାଇ ଟଙ୍କା ପଠାଇବାକୁ ନିଷ୍ପତ୍ତି ନିଆଗଲା । ଉଭୟପକ୍ଷ ଏପରି ନିଷ୍ପତ୍ତିରେ ସମ୍ମତି ପ୍ରଦାନ କଲେ । ଏହା ମହିଳା ଆୟୋଗଙ୍କ ଉପଯୁକ୍ତ ନ୍ୟାୟିକ ବ୍ୟବସ୍ଥା ହେତୁ ସମ୍ଭବ ହୋଇପାରିଲା । ❖

ଜିଲ୍ଲା : କୋରାପୁଟ  କେସ୍ ନଂ: ୧୪/୨୧

ପକ୍ଷ : ନସିମା ବେଗମ୍  ଅପର ପକ୍ଷ : ସ୍ୱାମୀ

କେସ୍ ପ୍ରକାର : ପରିବାରରେ ବିଶୃଙ୍ଖଳା ଏବଂ ମାନସିକ ଚାପ ଜନିତ ଘଟଣା

ନସୀମା ବେଗମ ତିରିଶ ବର୍ଷର ବୈବାହିକ ଜୀବନ ସ୍ୱାମୀ ପୁତ୍ରଙ୍କ ସହ ରହି ଆସୁଛନ୍ତି । ନସୀମା ପିତା ମାତାଙ୍କର ଏକମାତ୍ର ସନ୍ତାନ ହୋଇଥିବାରୁ ବହୁ ସମ୍ପତ୍ତିର ଅଧିକାରୀ ଥିଲେ । ପିତାଙ୍କ ପ୍ରଦତ୍ତ ଘରେ ସେ ପରିବାରୁ ସହ ରହି ଆସୁଥିଲେ । ପୁଅକୁ ତେଣୁ ଅତ୍ୟନ୍ତ ଜିଦଖୋର କରି ବଢାଇ ଥିଲେ । ତାର ସବୁ ଜିଦ୍ ପୂରଣ କରି ଅତ୍ୟନ୍ତ ବିଶୃଙ୍ଖଳିତ ଓ ଉଦ୍ଧତ କରିଦେଇଥିଲେ । କୋଟିକୋଟି ଟଙ୍କା ଖର୍ଚ୍ଚ କରି ତାକୁ ବିଦେଶରେ ପଢାଇବା ସହ ଯୁବତୀଙ୍କ ସହ ମଉଜ ମସ୍ତି କରିବାକୁ ଅନାୟାସରେ ଟଙ୍କା ବଢାଇ ଦେଇ ପିତା ସହଯୋଗ କରୁନଥିବା କିଛି ପୁଅକୁ ପିତାଙ୍କ ବିରୋଧି ମଧ କରି ଦେଇଥିଲେ ।

ଯେତେବେଳେ ଅଧିକା ଟଙ୍କା ପାଇଁ ପୁଅର ଦାବୀକୁ ପୂରଣ କରିପାରିଲେ ନାହିଁ ପୁଅ ତାଙ୍କୁ ମାରପିଟ ମଧ କରିବା ଆରମ୍ଭ କରିଦେଲା । ପୁଅ ଠାରୁ ବର୍ତ୍ତିବା ପାଇଁ ସେ ସ୍ୱାମୀ ଉପରେ ଚାପ ପକାଇଲେ ତାକୁ ଜବତ କରିବାକୁ ଓ ତାଙ୍କୁ ଅଧିକା ଟଙ୍କା ଦେଇ ବ୍ୟବସାୟ ରେ ସହଯୋଗ କରିବାକୁ । ମାତ୍ର ସ୍ୱାମୀ ପୁଅର ମନୋଭାବ ଜାଣି କୌଣସି ଟଙ୍କା ନ ଦେବାକୁ ମନା କରିଦେବାରୁ ନସୀମା କମିଶନ ର ଆଶ୍ରୟ ନେଲେ । ଉଭୟ ସେ ସ୍ୱାମୀ ବିରୁଦ୍ଧରେ ନିର୍ଯ୍ୟାତନା ଅଭିଯୋଗ ଦେଲେ ଏବଂ ପୁଅର କୌଣସି ଦାୟିତ୍ୱ ନ ନେଉଥିବା ଜଣାଇ ତାଙ୍କୁ ଏବଂ ପୁଅକୁ ଆର୍ଥିକ ସହଯୋଗ କରିବାକୁ ରାଜ୍ୟ ମହିଳା ଆୟୋଗଙ୍କୁ ଜଣାଇଲେ ।


ରାଜ୍ୟ ମହିଳା କମିଶନ ତରଫରୁ ନୋଟିସ ହେବାପରେ ଉଭୟ ସ୍ୱାମୀ ସ୍ତ୍ରୀ ଉପସ୍ଥିତ ହେଲେ । ନସୀମାଙ୍କ ଅଭିଯୋଗ ଉପରେ ତାଙ୍କ ସ୍ୱାମୀ ସମସ୍ତ ସତ୍ୟକୁ ତଥ୍ୟ ସହ ଉପସ୍ଥାପିତ କରି ଏଥିପାଇଁ ନସୀମା ସମ୍ପୂର୍ଣ୍ଣ ଦାୟୀଥିବା ଜଣାଇଲେ । ତେଣୁ ଉଭୟଙ୍କ ମଧ୍ୟରେ ଆଲୋଚନା କରାଯାଇ ଉଭୟଙ୍କୁ ଏକତ୍ର ମିଶି ପୁଅକୁ ଭଲବାଟକୁ ଆଣିବାକୁ ଯୋଜନା ପ୍ରସ୍ତୁତ କରିବାକୁ ଜଣାଇ ଦିଆଗଲା । କମିଶନଙ୍କ ପକ୍ଷରୁ ପ୍ରତିପକ୍ଷଙ୍କୁ ସ୍ତ୍ରୀଙ୍କ ମାସିକ ଖର୍ଚ୍ଚ ବାବଦର ପନ୍ଦର ହଜାର ଦେବାକୁ ପରାମର୍ଶ ଦିଆଗଲା ଏବଂ

ପୁଅ ସହ ଆଲୋଚନା କରି ତାର ଭବିଷ୍ୟତ ପନ୍ଥା ବିଷୟରେ ଏକ ସୁଯୋଗ ସୃଷ୍ଟି କରିବାକୁ ପ୍ରତିପକ୍ଷ ସ୍ୱାମୀ ଦାୟିତ୍ୱ ନେଲେ । ନସୀମା ପୁଅ ଦ୍ୱାରା ଭୟଭୀତ ଥିବାରୁ କିଛିଦିନ ପାଇଁ ବାପଘରେ ରହିବାକୁ ପରାମର୍ଶ ଦିଆଗଲା । କାରଣ ତାଙ୍କର ମାନସିକ ସ୍ଥିତି ଅତ୍ୟନ୍ତ ଉଦବେଗଜନକ ଥିବାରୁ ଏକ ଶାନ୍ତିପୂର୍ଣ୍ଣ ପରିବେଶ ତାଙ୍କ ପାଇଁ ନିତନ୍ତ ଆବଶ୍ୟକ ମନେହେଉଥିଲା ।

ଏଣୁ ରାଜ୍ୟ ମହିଳା ଆୟୋଗ ଉପଯୁକ୍ତ ସମୟରେ ଉଚିତ ପଦକ୍ଷେପ ନେଇ ଗୋଟିଏ ପରିବାରକୁ ଶୃଙ୍ଖଳିତ କରି ପାରିଲେ ।

*ସର୍ବଂସହା ଧରିତ୍ରୀ ପରି ନାରୀ ମଧ୍ୟ ସର୍ବଂସହା ହୋଇଥାଏ । ନାରୀ ହେଉଛି ସମାଜର ପ୍ରାଣକେନ୍ଦ୍ର । ନାରୀର ମର୍ଯ୍ୟାଦା ରକ୍ଷା କରନ୍ତୁ, ରାଷ୍ଟ୍ରର ପ୍ରଗତିରେ ସହାୟ ହୁଅନ୍ତୁ ।*

❖❖❖



ଜିଲ୍ଲା : ନୟାଗଡ଼

କେସ୍ ନଂ: ୧୪୨/୨୦

ପକ୍ଷ : ସରସ୍ୱତୀ ସାହୁ

ଅପର ପକ୍ଷ : ପୁଅ, ବୋହୂ

କେସ୍ ପ୍ରକାର : ପାରିବାରିକ ବିଶୃଙ୍ଖଳା ଜନିତ ମାନସିକ ଚାପ

ସରସ୍ୱତୀ ସାହୁ ରାଜ୍ୟ ମହିଳା ଆୟୋଗଙ୍କ ନିକଟରେ ଅଭିଯୋଗ କରି ଜଣାନ୍ତି ତାଙ୍କ ପୁଅ ବୋହୂ ଓ ତାଙ୍କର ପରିବାର ଦ୍ୱାରା ଅବହେଳାର ଶୀକାର ହୋଇ ବହୁ ମାନସୀକ ଦୁଃଖରେ ରହୁଅଛନ୍ତି । ସରସ୍ୱତୀଙ୍କ ପୁଅ ମାନଙ୍କର ମଧ୍ୟ ଅନୁରୂପ ଅଭିଯୋଗ କରି ଜଣାନ୍ତି ତାଙ୍କ ସ୍ତ୍ରୀ ତାଙ୍କ ମା ଓ ଭଉଣୀଙ୍କ ସହ ନ ରହିବାକୁ ତାଙ୍କ ଉପରେ ଚାପ ପକାଇ ବାପ ଘରକୁ ଯାଇ ଆଉ ଫେରୁନି । ସେ ଏକ ମାତ୍ର ପୁତ୍ର ସନ୍ତାନ ଏବଂ ରୋଜଗାରକ୍ଷମ ଥିବାରୁ ସେ ମା ଓ ଭିନ୍ନକ୍ଷମ ଭଉଣୀଙ୍କୁ ଅଲଗା ରଖିପାରିବେ ନାହିଁ । ସ୍ତ୍ରୀକୁ ଯେତେ ବୁଝାଇଲେ ମଧ୍ୟ ସେ ବୁଝିବାକୁ ନାରାଜ । ପୁଅ ସ୍ତ୍ରୀ ଓ ଝିଅକୁ ଭଲପାଉଥିଲେ ମଧ୍ୟ ପାଖରେ ରହିବାକୁ ଚେଷ୍ଟା କରି ସ୍ତ୍ରୀର ଜିଦ୍ ପାଖରେ ନିଜକୁ ବିବଶ ମନେକରି ଚାପଗ୍ରସ୍ତ ଅଛନ୍ତି । ତେଣୁ ସ୍ତ୍ରୀକୁ ବୁଝାଇ ଫେରାଇ ଆଣିବାକୁ ସେ ଅନୁରୋଧ କରନ୍ତି ।

କମିଶନ ତରଫରୁ ୬ଥର ନୋଟିସ କରାଯାଇ ଉଭୟପକ୍ଷଙ୍କୁ ସମସ୍ୟାକୁ ପୁଙ୍ଖାନୁପୁଙ୍ଖ ଆପୋଷ ଆଲୋଚନା କରାଯାଇ ଏକତ୍ର ମିଳିମିଶି ଚଳିବାକୁ ପରାମର୍ଶ ଦିଆଗଲା । ପ୍ରତିପକ୍ଷ ବୋହୂ ଶାଶୂ ଓ ନଣନ୍ଦଙ୍କ ଦ୍ୱାରା ଛୋଟ ମୋଟ ଘରୋଇ କଥାରେ ଅଯଥା ଗାଳି ଗୁଲଜ ଓ ଧମକ ପାଉଥିବା ଜଣାଇ ଏବଂ ଅଭିଯୋଗ କଲେ ସ୍ୱାମୀ ଅବହେଳା କରି କୌଣସି ସମାଧାନ କରୁନଥିବାରୁ ଓ ସେମାନଙ୍କ ଉପରେ ବିଶ୍ୱାସ ନଥାଇ ସମୟ ଦେବାକୁ ଅନୁରୋଧ କଲେ । ତେଣୁ କିଛି ମାସପରେ ପ୍ରତିପକ୍ଷ ଶ୍ୱଶୁର ଘରକୁ ଯାଇ ସ୍ତ୍ରୀ ଓ ଝିଅକୁ ଫେରାଇ ଆଣିବାକୁ ସକ୍ଷମ ହେଲେ ।

ଉଭୟ ବାରମ୍ବାର କମିଶନଙ୍କ ପରାମର୍ଶରେ ନିଜ ଭିତରେ ଥିବା ମନୋମାଳିନ୍ୟକୁ ଦୂରେଇ ଏକତ୍ର ମିଳିମିଶି ରହିବାକୁ ସକ୍ଷମ ହେଲେ । ଏବେ ସେମାନଙ୍କ ମଧ୍ୟରେ କୌଣସି ତିକ୍ତତା ନଥିବା ଜଣାଇବାରୁ ତା ୨୪.୦୩.୨୧ ରିଖରେ ତାଙ୍କ ଅଭିଯୋଗକୁ କମିଶନ ଆପୋଷ ସମାଧାନ ହୋଇଥିବା ଦୃଷ୍ଟିରୁ ବନ୍ଦ କରିବାକୁ ନିଷ୍ପତ୍ତି ନେଲେ ।

ଏବେ ସରସ୍ୱତୀ, ତାଙ୍କର ଭିନ୍ନକ୍ଷମ ଝିଅ, ପୁଅ ବୋହୂଙ୍କର ଶ୍ରଦ୍ଧା ଓ ସ୍ନେହ ପାଇ ଭଲରେ ରହୁଛନ୍ତି । ଏହି ପ୍ରକାର ଶାନ୍ତି ଫେରିଆସିବା ପଛରେ ରାଜ୍ୟ ମହିଳା କମିଶନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ । ❖

**ଜିଲ୍ଲା : ଜଗତସିଂହପୁର** **କେସ୍ ନଂ: ୧୮୮/୨୦**

**ପକ୍ଷ : ସବିତା ମଲ୍ଲିକ** **ଅପର ପକ୍ଷ : ସ୍ୱାମୀ**

**କେସ୍ ପ୍ରକାର : ଘରୋଇ ହିଂସା ଜନିତ ନିର୍ଯ୍ୟାତନା**

ରାଜ୍ୟ ମହିଳା ଆୟୋଗଙ୍କ ଦ୍ୱାରସ୍ଥ ହୋଇଥିବା ଦରଖାସ୍ତକାରିଣୀ ସବିତା ମଲ୍ଲିକ ତା ୨୫.୦୬.୨୦ରିଖରେ ଅଭିଯୋଗ ଦେଇ ଜଣାନ୍ତି ଯେ ତାଙ୍କର ସ୍ୱାମୀ ସହ ୧୩ ବର୍ଷର ବୈବାହିକ ଜୀବନରେ ଏବେ ଘଟିଛି ମନୋମାଳିନ୍ୟ । ତାଙ୍କର ୧୨ ବର୍ଷର ଏକ ପୁତ୍ର ସନ୍ତାନ ଅଛି । ସ୍ୱାମୀ ସର୍ବଦା ମଦପିଇ ତାଙ୍କୁ ଅତ୍ୟାଧିକ ଶାରିରୀକ ମାନସିକ ନିର୍ଯ୍ୟାତନା ଦେଇ ଆସୁଛନ୍ତି । ଅନ୍ୟଏକ ଝିଅକୁ ୨ୟ ବିବାହ ମଧ୍ୟ ମନ୍ଦିରରେ କରିଥିବା ଜଣାଇ ସ୍ୱାମୀ ଉପରେ ବିଶ୍ୱାସ ନଥିବାରୁ ଆଉ ସ୍ୱାମୀ ପାଖକୁ ଫେରିବାକୁ ନାରଜଥିବା ଜଣାନ୍ତି । ସେ ସ୍ୱାମୀଙ୍କଠାରୁ ଭରଣପୋଷଣ ଦାବୀ କରନ୍ତି । ଏଥିସହିତ ଛାଡ଼ପତ୍ର ମଧ୍ୟ ଚାହାଁନ୍ତି ।


ଅନ୍ୟପକ୍ଷରେ ପ୍ରତିପକ୍ଷ ସବିତାଙ୍କର ସ୍ୱାମୀ ସ୍ତ୍ରୀ ଅଭିଯୋଗକୁ ମିଥ୍ୟା କହି ଝିଅ ସାଙ୍ଗମାନଙ୍କ କଥାବାର୍ତ୍ତାରେ ସ୍ତ୍ରୀ ଅଯଥା ସନ୍ଦେହ କରି ତାଙ୍କୁ ଖରାପ ବ୍ୟବହାର କରିଆସୁଥିବା ଜଣାନ୍ତି । ସେ ସ୍ତ୍ରୀ ଓ ପୁଅକୁ ଫେରାଇ ନେବାକୁ ଆଶାୟୀ ଅଛନ୍ତି । ସ୍ତ୍ରୀ ପୁଅକୁ ନେଇ ଅଲଗା ଚଳୁଛି ଓ ତାଙ୍କ ପାଖକୁ ଯିବାକୁ ମନା କରୁଛି । ପ୍ରତିପକ୍ଷଙ୍କ ପିତା ମଧ୍ୟ ବୋହୂ ଓ ନାତିକୁ ଫେରାଇ ନେବାକୁ ଇଚ୍ଛା କରନ୍ତି ।

ମହିଳା କମିଶନ ତରଫରୁ ଉଭୟଙ୍କୁ ୪ଥର ନୋଟିସ କରି ଆପୋଷ ମିଳାମିଶା ପାଇଁ ଚେଷ୍ଟା କରାଗଲା; ମାତ୍ର ସବିତା ସ୍ୱାମୀ ପାଖକୁ ନ ଫେରିବାକୁ ଜିଦ୍ କରିବାରୁ ପ୍ରତିପକ୍ଷଙ୍କୁ ସ୍ତ୍ରୀ ଓ ପୁଅର ଭରଣ ପୋଷଣ ଦେବାକୁ ପରାମର୍ଶ ଦିଆଗଲା । ପ୍ରତିପକ୍ଷ ସ୍ତ୍ରୀ କୁ ପାଖରେ ରହିବାକୁ ଦାବୀ କରି ଭରଣପୋଷଣ ନ ଦେବାକୁ ଜିଦ କରନ୍ତି । ପୁଅକୁ ପାଖରେ ରହିବାକୁ ଜିଦ୍ କରିବାରୁ ୧୨ ବର୍ଷର ପୁଅକୁ ଡକାଇ ପିତାଙ୍କ ପାଖରେ ରହିବାକୁ ପଚରାଯିବାରୁ ସେ ସ୍ପଷ୍ଟ ମନା କଲା । ଆଜି ପର୍ଯ୍ୟନ୍ତ ମା ପାଖରେ ରହି ଆସୁଥିବାରୁ ମା ପାଖରେ ରହିବାକୁ ତାର ନିଷ୍ପତ୍ତି ଜଣାଇ ଦେଲା । ତେଣୁ ପ୍ରତିପକ୍ଷଙ୍କୁ ପୁଅ ପାଇଁ ଭରଣପୋଷଣ ଦେବାକୁ ପରାମର୍ଶ ଦିଆଗଲା । ପ୍ରତିପକ୍ଷ ମାସିକ ଦୁଇ ହଜାର ଟଙ୍କା ପୁଅର Ac-

count ରେ ଦେବାକୁ ସମ୍ମତ ହେଲେ । ପ୍ରତିପକ୍ଷ ପୁଅକୁ ଏକ ଫୋନ ଦେଇ ତା ସହ କଥା ହେବାକୁ ଅନୁରୋଧ କରନ୍ତି । ତା୧୫.୦୩.୨୧ରିଖରେ ପ୍ରତିପକ୍ଷ କମିଶନ କାର୍ଯ୍ୟାଳୟରେ ପୁଅକୁ ଟଙ୍କା ଦେବାସହ ଏକ ଫୋନ ଓ ନୂଆ ସିମ୍ ଦେଲେ । ଉଭୟ ସ୍ୱାମୀ ସ୍ତ୍ରୀଙ୍କୁ ପୁଅର ଉତ୍ତମ ଭବିଷ୍ୟତ ପାଇଁ ପରସ୍ପରକୁ ସହଯୋଗ କରିବାକୁ ପରାମର୍ଶ ଦିଆଗଲା ।

ଏମିତି ଏକ ସମ୍ବେଦନଶୀଳ ଘଟଣାକୁ ଅତି ଚମତ୍କାର ଭାବରେ ରାଜ୍ୟ ମହିଳା ଆୟୋଗ ସମାଧାନ କରିବାକୁ ସମର୍ଥ ହେଲେ ।

❖❖❖



ଜିଲ୍ଲା : ଖୋର୍ଦ୍ଧା

କେସ୍ ନଂ: ୧୬୨/୨୦

ପକ୍ଷ : ମମତା ମାଣିକ

ଅପର ପକ୍ଷ : ଶାଶୂ, ଶ୍ୱଶୁର ଓ ପରିବାରବର୍ଗ

କେସ୍ ପ୍ରକାର : ଘରୋଇ ହିଂସା ଜନିତ ନିର୍ଯ୍ୟାତନାର ପ୍ରତିଛବି ।

ଅଭିଯୋଗକାରିଣୀ ମମତା ମାଣିକ (ଛଦ୍ମନାମ)ରାଜ୍ୟ ମହିଳା ଆୟୋଗଙ୍କଠାରେ ଅଭିଯୋଗ କଲେ ଯେ ସେ ହିନ୍ଦୁ ରୀତିନୀତି ଅନୁଯାୟୀ ମହୁଖଣ୍ଡା ନିବାସୀ ସ୍ୱର୍ଗତ ରମେଶ ଚନ୍ଦ୍ର ମାଣିକଙ୍କୁ ବିବାହ କରିଥିଲେ । ବିବାହର କିଛି ଦିନ ପର୍ଯ୍ୟନ୍ତ ବୈବାହିକ ଜୀବନ ଭଲରେ ଚାଲିଥିଲା । ମାତ୍ର ଦୁଃଖର ବିଷୟ ଏହି କି ଯେ ତା-୦୪.୦୨.୧୮ରିଖ ତାଙ୍କ ସ୍ୱାମୀଙ୍କର ଦେହାନ୍ତ ହୋଇଥିଲା । ଏହା ପରେ ମଧ୍ୟ ଅଭିଯୋଗକାରିଣୀ ତାଙ୍କ ପୁଅ ଜୀବନ, ଯିଏକି ଜଣେ ଶାରୀରିକ ଅକ୍ଷମ ଏବଂ ଝିଅ ରାନୀ ସହିତ ଶ୍ୱଶୁର ଘରେ ରହୁଥିଲେ । କିନ୍ତୁ ବିଡମ୍ବନାର ବିଷୟ ଏହି କି ଯେ ତାଙ୍କ ସ୍ୱାମୀଙ୍କ ଅନ୍ତେ ତାଙ୍କ ଶ୍ୱଶୁର ଘର ଲୋକେ ଯଥା- ଶାଶୂ, ଶ୍ୱଶୁର, ଦେଢଶୂର, ଦିଅର ଏବଂ ଯାଆ ମିଶି ବିଭିନ୍ନ ପ୍ରକାର ଅକଥନୀୟ ଅତ୍ୟାଚାର କରିବା ସହିତ ଗାଳିଗୁଲଜ କରି ଖାଇବା ପିଇବାକୁ ଦେଇନଥିଲେ । ଏହି ଘଟଣା ସମ୍ପର୍କରେ ତାଙ୍କ ଶ୍ୱଶୁର ଘର ଗ୍ରାମର ଭଦ୍ରଲୋକଙ୍କ ସମେତ ଗ୍ରାମ ଥାନାରେ ସେ ଜଣାଇଥିଲେ ଏବଂ ଗ୍ରାମର ଭଦ୍ରଲୋକମାନେ ମିଶି ତା-୦୫.୦୩.୧୮ରିଖ ସମାଧାନ କରିବା ପାଇଁ ଧାର୍ଯ୍ୟ କରିଥିଲେ । କିନ୍ତୁ ତା ପୂର୍ବ ରାତ୍ରିରେ ଶ୍ୱଶୁର ଏବଂ ଦେଢଶ୍ୱର ମିଶି ବିନାକାରଣରେ ତାଙ୍କୁ ନାନା ପ୍ରକାର ନିନ୍ଦା ଅପବାଦ ଦେବା ସହ ଘରୁବାହାର କରିଦେଇଥିଲେ । ଏହି ଘଟଣା ସମ୍ପର୍କରେ ସେ ସ୍ଥାନୀୟ ଥାନା ଅଧିକାରୀଙ୍କୁ ଜଣାଇବା ପରେ ଥାନା ଅଧିକାରୀ ଆପୋଷ ସମାଧାନ ପାଇଁ ଆଦେଶ ଦେଇଥିଲେ ମାତ୍ର ତାଙ୍କ ଶ୍ୱଶୁର ଘର ଲୋକେ ରାଜି ହୋଇନଥିଲେ । ଏହି ସମୟରେ ସେ ଅସହାୟ ମନେ କରି ଓଡିଶା ରାଜ୍ୟ ମହିଳା ଆୟୋଗରେ ଅଭିଯୋଗ କରିଥିଲେ ।

ଅଭିଯୋଗ ପାଇବାପରେ ଆୟୋଗ ପକ୍ଷରୁ ତାରିଖ ଧାର୍ଯ୍ୟ କରି ଉଭୟ ପକ୍ଷଙ୍କୁ ଡକାଯାଇଥିଲା । ଅଭିଯୋଗକାରିଣୀଙ୍କ ପୁଅ ଶାରୀରିକ ଅକ୍ଷମ ଏବଂ ଗୋଟେ ଝିଅ ଥିବାରୁ ସେ ତାଙ୍କ ସ୍ୱାମୀ ସ୍ୱର୍ଗତ ରମେଶ ଚନ୍ଦ୍ର ମାଣିକଙ୍କ ସଂପତ୍ତିରୁ କିଛି ଅଂଶ ଏବଂ ତାଙ୍କର ଭରଣ ପୋଷଣ ପାଇଁ କିଛି ଟଙ୍କା ଦାବି କରିଥିଲେ । କମିଶନ ସହ ଆପୋଷ ସମାଧାନ ପରେ ସମ୍ପତ୍ତିର ଅଧିକାର ତଥା କ୍ଷତି ପୂରଣ


ବାବଦରେ ତିନି ଲକ୍ଷ ତିରିଶ ହଜାର ଟଙ୍କା (୩,୩୦,୦୦୦/-) ଦେବା ପାଇଁ କମିଶନ ସ୍ଥିର କରିଥିଲେ ଏବଂ ଏହି ନିଷ୍ପତିରେ ଉଭୟ ପକ୍ଷ ରାଜି ହୋଇ କମିଶନରେ ଆସି ଟଙ୍କା ପଇଠ କରିବେ ବୋଲି ପ୍ରତିଶ୍ରୁତି ମଧ୍ୟ ଦେଇଥିଲେ ଏବଂ କମିଶନ ତରଫରୁ ଧାର୍ଯ୍ୟ କରାଯାଇଥିବା ତାରିଖରେ ଆସି ଟଙ୍କା ପଇଠ କରିଥିଲେ । ଅଭିଯୋଗକାରିଣୀ ତାଙ୍କ ଟଙ୍କା ପାଇ କମିଶନକୁ ଅଶେଷ ଧନ୍ୟବାଦ ଦେବାକୁ ଭୁଲି ନ ଥିଲେ ।

ନାରୀଙ୍କୁ ଉପହାର ଦେବାପାଇଁ ବହୁତ କିଛି ଜିନିଷ ଥାଏ ।

କିନ୍ତୁ ସେମାନଙ୍କୁ ସମ୍ମାନ ଦେବାଠୁ ବଡ ଉପହାର ଆଉ କିଛି ନାହିଁ ।

***ପରସ୍ପର ବୁଝାମଣାରେ ସୁନ୍ଦର ପାରିବାରିକ ଜୀବନ ସାର୍ଥକ ହୁଏ । ତେଣୁ ପରିବାରରେ ପୁରୁଷ ଏବଂ ନାରୀ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ପରି । ପରସ୍ପରକୁ ବୁଝନ୍ତୁ, ସୁଖୀ ପାରିବାରିକ ଜୀବନ ବିତାନ୍ତୁ ।***

❖❖❖



ଜିଲ୍ଲା : ଖୋର୍ଦ୍ଧା (ଭୁବନେଶ୍ୱର) କେସ୍ ନଂ: ୧୪୮/୨୦

ପକ୍ଷ : ସୁନୀତା ବେହେରା ଅପର ପକ୍ଷ : ସୁଶାନ୍ତ ବେହେରା (ସ୍ୱାମୀ)

କେସ୍ ପ୍ରକାର : ଯୌତୁକ ଜନିତ ନିର୍ଯ୍ୟାତନା ଏବଂ ପରିତ୍ୟାଗ

ଶ୍ରୀମତୀ ସୁନୀତା ବେହେରା (ଛଦ୍ମନାମ) କୁହନ୍ତି ସେ ଶ୍ରୀଯୁକ୍ତ ସୁଶାନ୍ତ ବେହେରାଙ୍କୁ ୦୮.୦୫.୨୦୧୯ ରିଖଦିନ ହିନ୍ଦୁ ରୀତିନିତିରେ ବିବାହ କରିଥିଲେ । ବିବାହ ସମୟରେ ଶ୍ରୀମତି ସୁନୀତା ବେହେରାଙ୍କ ମା ତାଙ୍କ ଜ୍ୱାଇଁଙ୍କୁ ସୁନା ଗହଣା ଏବଂ ଘରର କିଛି ଆସବାପତ୍ର ଦେଇଥିଲେ । ଅଭିଯୋଗକାରିଣୀଙ୍କ ଅଭିଯୋଗ ଯେ ବାହାଘରର ଚତୁର୍ଥୀ ରାତିରୁହିଁ ସ୍ୱାମୀ ତାଙ୍କ ସହ କୌଣସି ସଂପର୍କ ରଖିଲେ ନାହିଁ ଏବଂ ତାଙ୍କ ପାଖକୁ ଆସିଲେ ନାହିଁ । ଅଭିଯୋଗକାରିଣୀ ଏହା ବି ଅଭିଯୋଗ କରନ୍ତି ଯେ ତାଙ୍କର ସ୍ୱାମୀ (ସୁଶାନ୍ତ ବେହେରା)ଙ୍କର ତାଙ୍କ ଭାଉଜଙ୍କ ସହ ଅନୈତିକ ସଂପର୍କ ରହିଛି । ତେଣୁ ଅଭିଯୋଗକାରିଣୀ ସେଥିନେଇ ବିରୋଧ କରିବାରୁ ତାଙ୍କ ସ୍ୱାମୀ ସମେତ ତାଙ୍କ ଯା, ନଣନ୍ଦ ଏବଂ ଦେଢଶ୍ୱର ମଧ୍ୟ ଶାରୀରିକ ଏବଂ ମାନସିକ ନିର୍ଯ୍ୟାତନା ସହ ମାଡମାରିବା ମଧ୍ୟ ଅଭିଯୋଗ କରିଛନ୍ତି । ଅଭିଯୋଗକାରିଣୀଙ୍କ ମା ଏଥିନେଇ ତାଙ୍କର ସ୍ୱାମୀ ଏବଂ ଯାହାଙ୍କୁ ବାରମ୍ବାର ଫୋନ କରିବା ସତ୍ତ୍ୱେ ସେ ସମାଧାନ କରିବା ପାଇଁ କୌଣସି ଚେଷ୍ଟା କରିଲେନାହିଁ ଏବଂ ଅଭିଯୋଗକାରିଣୀଙ୍କ ବେଶୀଦିନ ନିଜ ବାପଘରେ ରହିଲେ ବୋଲି ଉଲ୍ଲେଖ କରିଛନ୍ତି ।


ଶ୍ରୀମତି ସୁନୀତା ବେହେରା ଏଥିନେଇ ମହିଳା ଥାନାରେ ମଧ୍ୟ ଅଭିଯୋଗ କରିଥିଲେ ମଧ୍ୟ ସୁଫଳ ନହେବାରୁ ସେ ମହିଳା କମିଶନ୍‌ଙ୍କ ଦ୍ୱାରସ୍ଥ ହୋଇଛନ୍ତି ।

ମହିଳା କମିଶନ ଏହି ଘଟଣାକୁ ଗୁରୁତ୍ୱର ସହ ବିଚାରକୁ ନେଇ ଅଭିଯୋଗକାରିଣୀଙ୍କ ଅଭିଯୋଗ ଶୁଣି ଅପରପକ୍ଷ ସ୍ୱାମୀ ଏବଂ ତାଙ୍କ ବଡଭାଇଙ୍କ ନିକଟକୁ ଥାନା ମାଧ୍ୟମରେ ନୋଟିସ୍ ପଠାଯାଇଥିଲା ଅନ୍ୟ ଏକ ତାରିଖରେ ମଧ୍ୟ ଅପରପକ୍ଷ ନଆସିବାରୁ ତାଙ୍କୁ ସମନ୍ କରାଗଲା ।

ଏହାପରେ ଉଭୟପକ୍ଷ ଉପସ୍ଥିତ ହେଲାପରେ ଆପୋଷ ସମାଧାନ ପାଇଁ ଚେଷ୍ଟା କରାଗଲା । ଅପରପକ୍ଷ ସ୍ତ୍ରୀକୁ ନେବାକୁ ରାଜିଥିଲେ ମଧ୍ୟ ଅଭିଯୋଗକାରିଣୀ ତାଙ୍କ ପାଖରେ ରହିବାକୁ ଅମଙ୍ଗ

ହେବା ସହ ସମସ୍ତ ସୁନା ଗହଣା ଏବଂ ଆସବାପତ୍ର ଫେରସ୍ତ ପାଇଁ ଜିଦ୍ କଲେ । ଏହାପରେ ଉଭୟଙ୍କ ମଧ୍ୟରେ ଛାଡପତ୍ର ପାଇଁ ନିଷ୍ପତ୍ତି  ହୋଇଥିଲା । ପ୍ରତିପକ୍ଷଙ୍କୁ ଅନ୍ୟ ଏକ ତାରିଖରେ ଅଭିଯୋଗକାରିଣୀର ସମସ୍ତ ସାମଗ୍ରୀ ଫେରାଇବାକୁ ନେର୍ଦ୍ଦେଶ ଦିଆଗଲା । ପ୍ରତିପକ୍ଷ ଦୁଇଟି ସୁନାମୁଦିରୁ ଗୋଟିଏ ନଥିବାରୁ ଅଭିଯୋଗକାରିଣୀ ତରଫରୁ ବିବାହରେ ଦିଆଯାଇଥିବା ମୁଦିକୁ ପୁନଶ୍ଚ ଫେରାଇ ଦିଆଗଲା । ଉଭୟ ପକ୍ଷ ନିଜର ସମସ୍ତ ଜିନିଷପତ୍ର ଏବଂ ଆସବାବ ପତ୍ରକୁ ତଦାରଖ କରି ସମ୍ମତିଥିବା ପ୍ରକାଶ କଲେ ଏବଂ ଉଭୟପକ୍ଷ ଆପୋଷ ଛାଡପତ୍ର ପାଇଁ ନ୍ୟାୟଳୟରେ ଆବେଦନ ପାଇଁ ଅନୁମତି ଦିଆଗଲା ।

*ଆଦର୍ଶ ପରିବାରର ଉଦାହରଣ ଆମ ପୁରାଣ ଇତିହାସରେ ଅନେକ ରହିଛି । ସେସବୁ ବିଷୟରେ ଜାଣନ୍ତୁ ଏବଂ ପରିବାର ମଧ୍ୟରେ ସୁଖର ଆସର ବିତାନ୍ତୁ ।*



ଜିଲ୍ଲା : ଖୋର୍ଦ୍ଧା

କେସ୍ ନଂ: ୨୦୩/୨୦

.............................................................................................................................

ପକ୍ଷ : ମୁସକାନ ବିବି

ଅପର ପକ୍ଷ : ଶ୍ୱଶୁର ଘର ପରିବାର ବର୍ଗ

.............................................................................................................................

କେସ୍ ପ୍ରକାର : ପାରିବାରିକ ହିଂସା ଓ ନିର୍ଯ୍ୟାତନାର ପ୍ରତିଛବି ।

.............................................................................................................................

ଦରଖାସ୍ତକାରିଣୀ ମୁସକାନ ବିବି, ପିତା-ଜାହିର ଖାନ୍, ଗ୍ରାମ-ସାତକଣିଆ, ପୋ-ବାଳକାଟି, ଥାନା-ବାଲିଅନ୍ତା, ଜିଲ୍ଲା-ଖୋର୍ଦ୍ଧା । ଗତ ତା-୧୧.୦୫.୧୪ରେ ତାଙ୍କ ପିତା ଗୋପ ମୁସଲମାନ ସାହି, ଥାନା-ଗୋପ, ଜିଲ୍ଲା-ପୁରୀ ଆବାସୀ ଅମିଙ୍ଗ ଅଲ୍ଲୀଖାନ୍‌ଙ୍କ ପୁତ୍ର ଇମତିଆଜ ଅଲ୍ଲୀଖାନ, ବୟସ-୨୯ ଙ୍କ ସହ ବିବାହ କରାଇଥିଲେ । ବିବାହର କିଛିଦିନ ପର୍ଯ୍ୟନ୍ତ ତାଙ୍କ ବୈବାହିକ ଜୀବନ ଖୁବ୍ ଭଲରେ ଚାଲିଥିଲା । ଦରଖାସ୍ତକାରିଣୀଙ୍କ କହିବା ମୁତାବିକ ତାଙ୍କ ଶ୍ୱଶୁର ବିବାହ ସମୟରେ କରିଥିବା ସମସ୍ତ ଦାବି ଅନୁଯାୟୀ କ୍ୟାସ୍ ଏକ ଲକ୍ଷ ଟଙ୍କା (୧,୦୦,୦୦୦/-) ଦେଇଥିଲେ । ବିବାହର ୫-୬ ମାସ ପରେ ତାଙ୍କ ସ୍ୱାମୀ ମା ଏବଂ ଭଉଣୀଙ୍କ କଥାରେ ଆସି ତାଙ୍କୁ ବିଭିନ୍ନ ପ୍ରକାର ଶାରିରୀକ ଏବଂ ମାନସିକ ନିର୍ଯ୍ୟାତନା ଦେଇଥିଲେ ଏବଂ ଖାଇବାକୁ ମଧ୍ୟ ଦେଉନଥିଲେ । ୫ବର୍ଷ ବିବାହ ଭିତରେ ସେ ଦୁଇଟି କନ୍ୟା ସନ୍ତାନକୁ ଜନ୍ମ ଦେଇଥିଲେ । ଦ୍ୱିତୀୟ ସନ୍ତାନ ଗର୍ଭରେ ଥିବା ସମୟରେ ତାଙ୍କ ସ୍ୱାମୀ ହାଇଦ୍ରାବାଦ ଚାଲିଯାଇଥିଲେ ସେ ଯୋଗାଯୋଗ କରିବାପାଇଁ ଚେଷ୍ଟା କରିଥିଲେ ମଧ୍ୟ ସ୍ୱାମୀଙ୍କ ତରଫରୁ କୌଣସି ପ୍ରକାର ଉତ୍ତର ପାଇନଥିଲେ । ସେହି ସମୟରେ ତାଙ୍କ ଉପରେ ନିର୍ଯ୍ୟାତନା ଅତ୍ୟାଧିକ ମାତ୍ରାରେ ବଢିଯାଇଥିଲା । ସେ ବାଧ୍ୟ ହୋଇ ତାଙ୍କ ବାପଘରକୁ ଚାଲିଯାଇଥିଲେ । ଦ୍ୱିତୀୟ ସନ୍ତାନ କନ୍ୟା ହେବା ପରେ ତାଙ୍କ ସ୍ୱାମୀ ସମସ୍ତଙ୍କୁ କହିଥିଲେ ସେ ତାଙ୍କ ଔରସରୁ ଜାତ ନୁହେଁ ଏବଂ ସ୍ତ୍ରୀଙ୍କ ଚରିତ୍ର ଉପରେ ନାନା ପ୍ରକାର ପ୍ରଶ୍ନ ମଧ୍ୟ ଉଠାଇଥିଲେ । ଏହା ସହିତ ସ୍ୱାମୀ ଅନ୍ୟ ମହିଳାଙ୍କ ସହ ସଂପର୍କ ରଖି କିଛି ଫୋଟୋ ସେ ତାଙ୍କ ସ୍ତ୍ରୀଙ୍କୁ ପଠାଇ ତଲାକ୍ ଦେବେ ବୋଲି ଧମକ ମଧ୍ୟ ଦେଇଥିଲେ ।

ତେଣୁ ଦରଖାସ୍ତକାରିଣୀ ନିଜକୁ ଅସହାୟ ମନେକରି ରାଜ୍ୟ ମହିଳା ଆୟୋଗରେ ଆସି ଅଭିଯୋଗ କରିଥିଲେ । କମିଶନ ତରଫରୁ ତାରିଖ ଧାର୍ଯ୍ୟ କରି ଉଭୟ ପକ୍ଷଙ୍କୁ ଉପସ୍ଥିତ ହେବାପାଇଁ କୁହାଯାଇଥିଲା । କମିଶନ ତରଫରୁ ୪ଥର ନୋଟିସ କରାଯାଇଥିଲା । ଉଭୟ ପକ୍ଷଙ୍କ ମଧ୍ୟରେ ଆଲୋଚନା କରାଯାଇ

ସେମାନେ ପରସ୍ପରଙ୍କୁ ଅଯଥା ସନ୍ଦେହ ନ କରି ଏକତ୍ର ଚଳିବାକୁ ପରାମର୍ଶ ଦିଆଯାଇଥିଲା । ଉଭୟଙ୍କ ପିତାମାତାଙ୍କୁ ପିଲାମାନଙ୍କର ଭବିଷ୍ୟତକୁ ଦୃଷ୍ଟିରେ ରଖି ସେମାନଙ୍କ ମଧ୍ୟରେ ଥିବା କଳହକୁ ନ ବଢାଇବା ପାଇଁ ପରାମର୍ଶ ଦିଆଯାଇଥିଲା । ପ୍ରତିପକ୍ଷଙ୍କୁ ତାଙ୍କ ସ୍ତ୍ରୀକୁ ଉଚିତ ସମ୍ମାନ ଦେଇ ଭଲରେ ରଖିବାପାଇଁ ପରାମର୍ଶ ଦିଆଯାଇଥିଲା । ପ୍ରତିପକ୍ଷଙ୍କୁ ଶ୍ୱଶୁର ଘରେ ୭ ଦିନ ରହି ସ୍ତ୍ରୀକୁ ବୁଝାଇ ପାଖକୁ ଆଣିବାକୁ କୁହାଯାଇଥିଲା । ପ୍ରତିପକ୍ଷ ମଧ୍ୟ ଶ୍ୱଶୁର ଘରେ ଯାଇ ୭ ଦିନ ରହିଥିଲେ ଏବଂ ଉଭୟ ପକ୍ଷ କମିଶନକୁ ଆସି ଭଲରେ ଚଳୁଥିବାର କହିଲେ । ପରେ ଉଭୟ ପକ୍ଷଙ୍କର କଥା ଶୁଣିବାପରେ ମୁସଲିମ ମହିଳାଙ୍କ ପାଇଁ ତ୍ରିପଲ ତଲାକ ଗ୍ରହଣୀୟ ନୁହେଁ ତେଣୁ ତାଙ୍କୁ ଏକାଠି ରହିବା ପାଇଁ ନିର୍ଦ୍ଦେଶ ଦେଇଥିଲେ ।

ଏବେ ସେମାନେ ସୁଖ ଦାମ୍ପତ୍ୟ ଜୀବନ ଅତିବାହିତ କରୁଛନ୍ତି ଏବଂ କମିଶନ ସହ ଯୋଗାଯୋଗରେ ରହିଛନ୍ତି ।

*ସ୍ତ୍ରୀର ସମ୍ମାନ, ତାର ନାର୍ଯ୍ୟ ଅଧିକାର ।*

*ଏ କଥା ପୁରୁଷ ସମାଜ ଜାଣନ୍ତୁ ।*

ଜିଲ୍ଲା : ଅନୁଗୁଳ

କେସ୍ ନଂ: ୩୧୩/୧୯

ପକ୍ଷ : ମମତାମୟୀ ମିଶ୍ର

ଅପର ପକ୍ଷ : ବିଧୁଭୂଷଣ ମିଶ୍ର (ସ୍ୱାମୀ)

କେସ୍ ପ୍ରକାର : ଯୌତୁକ ଜନିତ ନିର୍ଯ୍ୟାତନା ଏବଂ ପରିତ୍ୟାଗ

ମମତାମୟୀ ଆବେଦନକାରୀ ସ୍ୱାମୀ ଦ୍ୱାରା ନିର୍ଯ୍ୟାତନା ପାଇ ଘରୁ ବିତାଡିତ ହୋଇଥିବା ଜଣାଇ ରାଜ୍ୟ ମହିଳା କମିସନ୍‌ର ଆଶ୍ରୟ ନେଇଥିଲେ । ସେ ଜଣାନ୍ତି ଯେ ଆଦର୍ଶ ଶିକ୍ଷକ ପରିବାରରେ ନିଜର ଉଚ୍ଚ ବିଚାରାଧାରା ଓ ମୂଲ୍ୟବୋଧକୁ ନେଇ ଏକ ସାଲିସ୍ ବିହୀନ ଜୀବନ ଯାପନ କରୁଥିବା ମମତାମୟୀ ନିଜ ପାରିବାରିକ ଜୀବନରେ ଅତ୍ୟନ୍ତ ସଂଘର୍ଷର ସମ୍ମୁଖୀନ ହୋଇ ଜୀବନ ପ୍ରତି ବିତସ୍ପୃହ ହୋଇପଡିଥିଲେ । ଏକ ଇଂରାଜୀ ମାଧ୍ୟମ Schoolରେ Principal ଭାବେ କାର୍ଯ୍ୟରତ ଥିବାବେଳେ ପିତାଙ୍କ ଦ୍ୱାରା ଅନୁମୋଦିତ ଏକ ପାରିବାରିକ ଅନୁବନ୍ଧିତ ପ୍ରସ୍ତାବରେ ରାଜି ହୋଇ ବିଧୁଭୁଷଣଠୁ ବହୁ ସ୍ୱପ୍ନ ଆଶା କରି ବିବାହ କରିଥିଲେ । ବିବାହ ସମୟରେ ସେ ଆଠଲକ୍ଷ ଟଙ୍କା ନଗଦ ରାଶି ସାଙ୍ଗରେ ଆଣିବା ସହ ସମସ୍ତ ଯାନି ଯୌତୁକ ନେଇ ଶାଶୁ ଘରକୁ ପ୍ରବେଶ କରିଥିଲେ । ମାତ୍ର ସେଠାରେ ସେ ଉଚିତ ସମ୍ମାନ ଓ ସ୍ୱାମୀଙ୍କ ସ୍ନେହରୁ ବଞ୍ଚିତ ହୋଇଥିଲେ । ସ୍ୱାମୀ ତାଙ୍କ ସହ କୌଣସି ସମ୍ପର୍କ ନ ରଖି ଚତୁର୍ଥୀ ପରଠାରୁ ଚାକିରୀସ୍ଥାନକୁ ଫେରି ଆସିଥିଲେ । ସେବେଠାରୁ ସ୍ୱାମୀ ତାଙ୍କ ସହ ପ୍ରତ୍ୟକ୍ଷ କିମ୍ୱା ପରୋକ୍ଷ ସମ୍ପର୍କ ରଖିନଥିଲେ । ସେ ଫୋନ କଲେ ମଧ୍ୟ କୌଣସି ଆନ୍ତରିକତା ଦେଖାଇ ନଥିଲେ । ଏପରି ୧୦ମାସ ଶାଶୁଘରେ ରହିବା ମଧ୍ୟରେ ସେ ବହୁ ଶାରିରୀକ ଓ ମାନସିକ ନିର୍ଯ୍ୟାତନାର ଜର୍ଜରିତ ହୋଇ ବଲାଙ୍ଗିର Town P.S ରେ ଏତଲା ଦେଇ ଥିଲେ । ଏହାପରେ ସେ କିଛି ଜିନିଷପତ୍ର ମଧ୍ୟ ଫେରସ୍ତ ନେଇଥିଲେ । ମାତ୍ର ସୁନାଗହଣା ଓ ଟଙ୍କା ତାଙ୍କୁ ଫେରସ୍ତ ଦିଆଯାଇନଥିଲା । ସବୁଠାରୁ ନିରାଶ ହେବାପରେ ସେ ତା ୧୨.୧୨.୧୯ରିଖରେ ମହିଳା କମିଶନ୍‌ର ଆଶ୍ରୟ ନେଇଥିଲେ ।

କମିଶନ୍‌ର ପ୍ରଥମ ଶୁଣାଣିରେ ପ୍ରତିପକ୍ଷ ବିଧୁଭୁଷଣ ସ୍ୱୀକାର କରିଥିଲେ ସେ ସ୍ତ୍ରୀ ସହ ଶାରିରୀକ ସମ୍ପର୍କ ରଖିନାହାଁନ୍ତି କିମ୍ୱା ତାଙ୍କୁ କୌଣସି ସ୍ତ୍ରୀର ମର୍ଯ୍ୟାଦା ଦେଇ ନାହାଁନ୍ତି । କାରଣ ସ୍ତ୍ରୀର ବ୍ୟବହାର ତାଙ୍କୁ ଭଲ ଲାଗି ନଥିଲା । ସ୍ତ୍ରୀର ଆଠଲକ୍ଷ ଯୌତୁକ ଆଣିଥିବା କଥାକୁ ସେ କଥାକୁ ସେ ଅସ୍ୱୀକାର କରିଥିଲେ । ସେ ସ୍ତ୍ରୀ ସହ ରହିପାରିବେ ନାହିଁ ବୋଲି ସ୍ପଷ୍ଟ ଭାବରେ ମହିଳା ଆୟୋଗଙ୍କୁ ଜଣାଇଥିଲେ ।

ଦରଖାସ୍ତକାରିଣୀ ଓ ପ୍ରତିପକ୍ଷଙ୍କ ମଧ୍ୟରେ କମିଶନ ମାଧ୍ୟମରେ ଆପୋଷ ଆଲୋଚନା କରାଗଲା । ଦରଖାସ୍ତକାରିଣୀ ସ୍ୱାମୀ ପାଖରେ ସମ୍ମାନର ଅଭାବ ଓ ଜୀବନ ପ୍ରତି ଭୟ ଦର୍ଶାଇ ତାଙ୍କ ନିକଟକୁ ଫେରିବାକୁ ନାରାଜ ଥିବା ଦର୍ଶାଇ ଛାଡପତ୍ର ଦାବି କରିବା ସହ ତାଙ୍କର ଭରଣପୋଷଣ ଦାବି କଲେ । ପ୍ରତିପକ୍ଷ ମଧ୍ୟ ସ୍ତ୍ରୀକୁ ଛାଡପତ୍ର ଦେବାକୁ ତାଙ୍କର ମତ ଦେବା ସହ ଭରଣପୋଷଣ ଦେବାକୁ ସମ୍ମତି ପ୍ରକାଶ କଲେ ।

ଉଭୟପକ୍ଷଙ୍କ ମଧ୍ୟରେ ଭରଣପୋଷଣ ନିମନ୍ତେ ଆପୋଷ ଆଲୋଚନା କରାଯାଇ ସାତ ଲକ୍ଷ ଟଙ୍କା ଦେବାକୁ ନିଷ୍ପତ୍ତି ନିଆଗଲା । ଉଭୟପକ୍ଷ ଏପରି ନିଷ୍ପତ୍ତିର ସେମାନଙ୍କ ସମ୍ମତି ଥିବା ଜଣାଇ U/s 13 (B) ରେ ଛାଡପତ୍ର ପାଇଁ ଅଙ୍ଗୀକାର କଲେ । ତା ୨୫.୧୧.୨୦ ରିଖରେ ପ୍ରତିପକ୍ଷ ସାତ ଲକ୍ଷ ଟଙ୍କାର Draft ଦାଖଲ କଲେ । ଉକ୍ତଦିନ ଉଭୟ U/s 13 (B) ରେ Family Court ଭୁବନେଶ୍ୱରରେ ଆବେଦନ କରିଥିଲେ । ଉଭୟପକ୍ଷଙ୍କୁ ମଧ୍ୟରେ ଉପରୋକ୍ତ ଅଦାଲତରେ ତା ୧୯.୦୮.୨୧ ରିଖରେ ଛାଡପତ୍ର ଗଛିତ ହୋଇ ଯାଇଥିଲା । ଦରଖାସ୍ତକାରିଣୀ ଛାଡପତ୍ରର ଆଦେଶ କମିଶନରେ ଦାଖଲ କରିବା ପରେ ତା ୧୬.୦୯.୨୧୦ରିଖରେ କମିଶନଙ୍କ ପାଖକୁ ଟଙ୍କା ଗ୍ରହଣ କଲେ ।

ସ୍ୱଳ୍ପ ସମୟରେ ଦରଖାସ୍ତକାରିଣୀଙ୍କ ସମସ୍ୟାର ସମାଧାନ ହୋଇଯାଇଥିବାରୁ ସେ ରାଜ୍ୟ ମହିଳା କମିଶନଙ୍କୁ ଧନ୍ୟବାଦ ଅର୍ପଣ କରି କୃତଜ୍ଞତା ଜ୍ଞାପନ କରିଥିଲେ । ଓଡ଼ିଶା ରାଜ୍ୟମହିଳା ଆୟୋଗର ସେବା, ତ୍ୟାଗ ତଥା ନ୍ୟା ପ୍ରଦାନ କ୍ଷେତ୍ରରେ ଉଲ୍ଲେଖନୀୟ ଭୂମିକା ତଥା ଗୁରୁଦାୟିତ୍ୱ ତୁଲାଇ ସର୍ବତ୍ର ଲୋକପ୍ରିୟତା ହାସଲ କରିଛି ।

ନାରୀର ମର୍ଯ୍ୟାଦାକୁ ଅକ୍ଷୁର୍ଣ୍ଣ ରହିବାକୁ ରାଜ୍ୟ ମହିଳା କମିଶନ୍ ର ସତତ ଚେଷ୍ଟା ଚଳାଇ ଆସିଛି । ଯାହା ତାର ଆସବଳକୁ ବଢାଇବାରେ ସହାୟକ ହୋଇଛି ।

❖❖❖

**ଜିଲ୍ଲା : ନୂଆପଡ଼ା** **କେସ୍ ନଂ: ୧୨୯/୨୧**

**ପକ୍ଷ : ପୂଜା (ନାବାଳିକା)** **ଅପର ପକ୍ଷ : ପରିବାର**

**କେସ୍ ପ୍ରକାର : ଝିଅଟିଏ ପାଇଁ ପାରିବାରିକ ନିର୍ଯ୍ୟାତନା ।**

ଆଶଙ୍କା, ଦ୍ୱନ୍ଦ୍ୱ, ଅସୁରକ୍ଷିତ ଓ ହୀନ ଭାବନାରେ ଜର୍ଜରିତ ନାବାଳିକାଟିଏ ଅଫିସର ଏକ କୋଣରେ ଦୁଇ ଗୋଡ ସନ୍ଧିରେ ମୁହଁ ଗୁଣ ବସିଥିବାର ଦେଖି ଜନୈକ ଚତୁର୍ଥଶ୍ରେଣୀ କର୍ମଚାରୀ ତାଙ୍କୁ ଡାକିଆଣି ପରାମର୍ଶ ପାଇଁ ମହିଳା ଆୟୋଗରେ ପହଞ୍ଚିଲେ । ତାଙ୍କ ସହ ବହୁ ସମୟ ଭାବର ଆଦାନ ପ୍ରଦାନ ପରେ ସେ ତାଙ୍କ ମନ କଥା ଆୟୋଗ ନିକଟରେ କହିବାକୁ ଲାଗିଲେ । ତାଙ୍କ ମତରେ ସେ ଜଣେ B. Tech ଛାତ୍ରୀ । ପିତାମାତାଙ୍କ ପାଖରେ ସେ ଓ ତାଙ୍କ ଭାଇ ଅତ୍ୟନ୍ତ ବିଶୃଙ୍ଖଳିତ ପରିବାରରେ ବହୁ ଭାବରେ ଶାରିରୀକ ଓ ମାନସିକ ନିର୍ଯ୍ୟାତନାର ଶୀକାର ହୋଇ ଆସୁଛନ୍ତି । ପରିବାର ଦ୍ୱାରା ବହୁ ଆଘାତ ପାଇ ଶେଷରେ ନିଜର ଆତ୍ମସମ୍ମାନ ଓ ନାର୍ଯ୍ୟ ଅଧିକାର ପାଇଁ ସହଯୋଗ ଲୋଡିବାକୁ ଉପସ୍ଥିତ ହେଉଛନ୍ତି ବୋଲି ପ୍ରକାଶ କଲେ ।

ସେ ଜଣାନ୍ତି ପିତାମାତାଙ୍କ ମଧ୍ୟରେ ଘରେ ବାରମ୍ବାର ଝଗଡା ହେବାରୁ ସେ ତାଙ୍କ ମା, ଭାଇ ପିତା ଓ ଜେଜେ ଜେଜେମାଙ୍କ ଠାରୁ ଅଲଗା ହୋଇ ଉପର ଘରେ ଚଳୁଛନ୍ତି । ତାଙ୍କ ଜେଜେ ଓ ପିତା ଅମାପ ସମ୍ପତ୍ତିର ଅଧିକାରୀ ଓ ଉଚ୍ଚ ପ୍ରତିଷ୍ଠିତ । ମାତ୍ର ତାଙ୍କ ମା ଓ ତାଙ୍କ ଭାଇ ଭଉଣୀଙ୍କୁ ଘରୁ ବାହାର କରିବାକୁ ଚକ୍ରାନ୍ତ କରି କୌଣସି ଟଙ୍କା ପଇସା ଦେଉ ନାହାଁନ୍ତି । ଘରେ ଲାଇନ ପାଣି ବେଳେବେଳେ କାଟି ପଳାଇ ଯିବାକୁ ଧମକ ଦେଇ ଆସୁଛନ୍ତି । ଏଥିପାଇଁ ତାଙ୍କ ମା ଆଇନର ସହଯୋଗ ନେଇ ଏକାଧିକ ମାମଲା ଲଢୁଛନ୍ତି । ଏପରି ପରିସ୍ଥିତିରେ ସେ ଝିଅଟିଏ ହୋଇଥିବାରୁ ତାଙ୍କ ଉପରେ ଦାଉ ସାଧୁଛନ୍ତି ଓ ସେ ଝିଅ ହୋଇଥିବାରୁ ତାଙ୍କ ଉପରେ ଭବିଷ୍ୟତରେ ବୋଝ ହେବେ ବୋଲି କହି ବହୁ ଖରାପ ଭାଷାରେ ଗାଳିଗୁଲଜ ସହ ତାଙ୍କ ଫୋନ ତାଙ୍କ ଠାରୁ ନେଇଯିବା ତାଙ୍କୁ ଘରୁ ନ ବାହାର କରିବା, ସବୁ କଥାରେ ତାଙ୍କୁ ଦୋଷଦେବାରୁ ସେ ମାନସିକ ଭାରସାମ୍ୟ ହରାଇ ଫୋନ ମାଧ୍ୟମରେ WCD Deptକୁ ଜଣାଇବା ସହ ବିଭିନ୍ନ NGOଙ୍କ ସହଯୋଗ ପାଇଁ ପ୍ରାର୍ଥନା କରିଛନ୍ତି । ସେ ତାଙ୍କ ଜୀବନର ସମସ୍ତ ଆଶା ଛାଡି ଆତ୍ମହତ୍ୟା ପାଇଁ ମଧ୍ୟ ମାନସୀକ ପ୍ରସ୍ତୁତି କରିଥିବା ଜଣାନ୍ତି । ତଥାପି ଆଜି ମା ଓ ଭାଇ ନଥିବା ସମୟରେ ଜୀବନ ଜୀଇଁବାର ଶେଷ ଚେଷ୍ଟା ପାଇଁ କମିଶନରଙ୍କ ଆଶ୍ରୟ ନେଇଥିବା ଜଣାନ୍ତି । ତାଙ୍କ ସମସ୍ୟାର ଆଶୁ ସମାଧାନ ନ ହେଲେ ସେ ମାନସିକ ଭାରସାମ୍ୟ ହରାଇ

ପାଗଳ ହୋଇଯିବେ ବୋଲି କହି ଅତି କରୁଣ ଭାବେ ରୋଦନ କରନ୍ତି ।

ଏହାପରେ ବହୁ ସମୟ ତାଙ୍କ ସହ ଆଲୋଚନା କରାଗଲା ତାଙ୍କ ଜୀବନ ଯେ କେତେ ମୂଲ୍ୟବାନ ଓ ମାଙ୍କ ସଂଘର୍ଷରେ ସେ ମାଙ୍କ କଥା ନ ଧରି ତାଙ୍କୁ ସହଯୋଗ କରି ଏକ ବନ୍ଧୁଭାବରେ ମା ପାଖରେ ରହିବାକୁ ଓ ନିଜେ ଜଣେ ବି.ଟେକ୍ ଛାତ୍ରୀ ଭାବେ ଉଜ୍ଜଳ ଭବିଷ୍ୟତ ତାଙ୍କୁ ଅପେକ୍ଷା କରିଛି ବୋଲି ଆଶା ଉଜ୍ଜିବୀତ କରାଗଲା । ମନୋଭାବକୁ ଟାଣ କରି ଏପରି ପ୍ରତିକୂଳ ପରିବେଶକୁ ସମ୍ମୁଖୀନ ହେବାକୁ ସାହାସ ଓ ଆଶା ପୋଷଣ କରିବାକୁ ଆୟୋଗ ପକ୍ଷରୁ ପରାମର୍ଶ ଦିଆଗଲା । ବାରମ୍ବାର ତାଙ୍କ ଜୀବନରେ ସେ ଜଣେ ଅନନ୍ୟା ବୋଲି ଅଭିହିତ କରି ତାଙ୍କ ଆଶା ଓ ଭରସାରେ ରହିବାକୁ ପରାମର୍ଶ ଦିଆଗଲା ।

ଏହାପରେ ତାଙ୍କ ମା'ଙ୍କୁ ଫୋନ ମାଧ୍ୟମରେ ଡକାଯାଇ ତାଙ୍କ ସହ ଆଲୋଚନା କରାଯାଇ ଝିଅ ସହ ବନ୍ଧୁପରି ଆଲୋଚନା କରି ତାର ମନୋଭାବ ବୁଝି ତାକୁ ସ୍ନେହ ଓ ସୌହାର୍ଦ୍ଦ୍ୟପୂର୍ଣ୍ଣ ପରିବେଶରେ ଶାନ୍ତ ରହିବାକୁ ପରାମର୍ଶ ଦିଆଗଲା । ଦରଖାସ୍ତକାରିଣୀ ତାଙ୍କ ମା ଓ ଭାଇଙ୍କ ସହ ସମସ୍ତ ବିଷୟରେ ଆଲୋଚନା କରାଯାଇ ଦରଖାସ୍ତକାରିଣୀଙ୍କ ସମସ୍ୟାକୁ ପୁଙ୍ଖାନୁପୁଙ୍ଖ ବୁଝାଗଲା । ସମସ୍ତଙ୍କୁ ଏକଭାବେ ହୋଇ ପାରିବାରିକ ସମସ୍ୟାକୁ ସମ୍ମଖୀନ ହେବାକୁ ପରାମର୍ଶ ଦିଆଗଲା ଦରଖାସ୍ତକାରିଣୀ ମା ଓ ଭାଇଙ୍କ ସହ ଘରକୁ ଫେରିଲେ ଏହାପରେ ମଧ୍ୟ ଫୋନ ମାଧ୍ୟମରେ ତାଙ୍କ ସହ ଆଲୋଚନା କରାଯାଇ ତାଠୁ ସହଜ ହେବାକୁ ପରାମର୍ଶ ଦିଆଯାଉଥିଲା ।

ଏହାପରେ ସେ ଏକାଧିକବାର ରାଜ୍ୟ ମହିଳା କମିଶନକୁ ଆସି ଆଉ କୌଣସି ସମସ୍ୟା ନଥିବା ଓ ସେ ଭଲରେ ପାଠ ପଢାରେ ମନୋନିବେଶ କରିପାରୁଛନ୍ତି ଓ ଏକାଧିକ ଚକ୍ବକ୍କହରମଷ୍ପରେ ଭଲକାମ କରିପାରୁଛନ୍ତି ବୋଲି ଜଣାଇଥିନ୍ତି । ଏପରି ଭାବରେ ଦରଖାସ୍ତକାରିଣୀ ତାଙ୍କ ପୂର୍ବ ଦୃଢ ମନୋଭାବ ଓ ଇଛାଶକ୍ତି ଫେରିପାଇଥିବା ଜଣାଇ ରାଜ୍ୟ ମହିଳା କମିଶନଙ୍କୁ ଧନ୍ୟବାଦ ଦିଅନ୍ତି ।

ବାସ୍ତବରେ ରାଜ୍ୟ ମହିଳା କମିଶନ ମହିଳାମାନଙ୍କର ସମସ୍ୟାର ଆଶୁ ସମାଧାନ କରି, ଏ କ୍ଷେତ୍ରରେ ନିଜ ପାଇଁ ସଫଳତାର ମାଇଲଖୁଣ୍ଟ ପାଲଟିଛି । ମହିଳାମାନଙ୍କର ତଥା ରାଜ୍ୟବାସୀଙ୍କର ଓଡ଼ିଶା ରାଜ୍ୟ ମହିଳା ଆୟୋଗ ଉପରେ ଯଥେଷ୍ଟ ଆଶା ଭରସା ଓ ଆସ୍ଥା ମଧ୍ୟ ରହିଛି ।

❖❖❖

ଜିଲ୍ଲା : ଯାଜପୁର    କେସ୍ ନଂ: ୧୫୬/୨୧

ପକ୍ଷ : ସୌଭାଗ୍ୟମୟୀ ସ୍ୱାଇଁ    ଅପର ପକ୍ଷ : ଭଗବାନ ସ୍ୱାଇଁ (ସ୍ୱାମୀ)

କେସ୍ ପ୍ରକାର : ଶ୍ୱଶୁର ଓ ବୋହୂଙ୍କ ଦ୍ୱାରା ଶାଶୂ ଓ ନଣନ୍ଦଙ୍କୁ ନିର୍ଯ୍ୟାତନା ସଂକ୍ରାନ୍ତୀୟ ଘଟଣା

ଭଗବାନ ସ୍ୱାଇଁ (ଛଦ୍ମ ନାମ) ଜଣେ ପ୍ରତିଷ୍ଠିତ ବୈଜ୍ଞାନିକ । ସରକାରଙ୍କ ଜଣେ ଉଚ୍ଚ ପଦସ୍ଥ ଅଧିକାରୀ । ମାତ୍ର ତାଙ୍କ ପତ୍ନୀ ସୌଭାଗ୍ୟମୟୀ ସ୍ୱାଇଁ ଓ ତାଙ୍କ ବିବାହିତ କନ୍ୟା ହଠାତ୍ ଆୟୋଗରେ ପହଁଚି ଭଗବାନ ବାବୁଙ୍କର ଚରିତ୍ର ସଂହାର ପୂର୍ବକ ନିଜ ବୋହୂ ବୈଶାଳୀ ସ୍ୱାଇଁ ଙ୍କ ସହ ତାଙ୍କର ଶାରିରୀକ ସଂପର୍କ ଅଛି ବୋଲି ଅଭିଯୋଗ କରିବା ସହ  ବୋହୂ ବୈଶାଳୀ ଶ୍ୱଶୁରଙ୍କର ମୁହଁ ପାଇ ତାଙ୍କୁ ଓ ଅନ୍ୟ ପରିବାର ବର୍ଗଙ୍କୁ କୁତ୍ସିତ ବ୍ୟବହାର କରୁଥିବା ତଥା ମାଡ ମଧ୍ୟ ମାରୁଥିବାର ଅଭିଯୋଗ ରାଜ୍ୟ ମହିଳା ଆୟୋଗ ପାଖରେ କରିଥିଲେ ॥ ଭାଇମାନେ ପୋଲିସ ମାଧ୍ୟମରେ ତାଙ୍କୁ ଉଦ୍ଧାର କରି ଘରେ ରଖିଛନ୍ତି ବୋଲି ବୟାନ ଦେଲେ ।

ଏହା ଏକ ସମ୍ବେଦନଶୀଳ ଘଟଣା ତଥା ସମାଜ ଦୃଷ୍ଟିରେ ଶ୍ୱଶୁର ଓ ବୋହୂର ପବିତ୍ର ସଂପର୍କକୁ କଳୁଷିତ କରୁଥିବା ଜାଣି, ଆୟୋଗ ତୁରନ୍ତ ଫୋନ୍ ମାଧ୍ୟମରେ, ଉକ୍ତ ଭଗବାନ ବାବୁ, ପୁଅ ଓ ବୋହୂଙ୍କୁ ଆୟୋଗକୁ ଡକାଇ ସମାଧାନ କରାଇବା ପାଇଁ ଆଲୋଚନା ଜାରୀ ରଖିଲେ ॥ ଆଲୋଚନାବେଳେ, ଭଗବାନ ବାବୁଙ୍କର ନିଜ ସାନ ଭାଇ, ଭାଉଜ ଓ ଶଳାମାନେ ମଧ୍ୟ ଉପସ୍ଥିତ ଥିଲେ ॥  ଅନ୍ୟମାନେ ସମସ୍ତେ ଭଗବାନ ବାବୁ ମେଳାପି, ଜଣେ ଭଲ ମଣିଷ ବୋଲି କହୁଥିଲେ ମଧ୍ୟ ବୋହୂ ସମସ୍ତଙ୍କ ସହ ଦୁର୍ବ୍ୟବହାର କରେ ବୋଲି ବୟାନ ଦେଇଥିଲେ ॥ ମାତ୍ର, ଶ୍ୱଶୁର ବୋହୂ ସଂପର୍କ ବିଷୟରେ କେବଳ ଶୁଣିଛନ୍ତି ॥ ସଠିକ୍ କହି ପାରିବେ ନାହିଁ ବୋଲି ଉତ୍ତର ଦେଲେ। ମାତ୍ର ତାଙ୍କ ସ୍ତ୍ରୀ ସୌଭାଗ୍ୟମୟୀ ଶ୍ୱଶୁର ବୋହୂଙ୍କର କୁ-ସଂପର୍କର ପ୍ରମାଣ ସ୍ୱରୁପ କିଛି audio recording ଶୁଣାଇବାକୁ ଚାହିଁଲେ ॥ ବୋହୂ ଶ୍ୱଶୁର ସହିତ କୁ-ସଂପର୍କକୁ ମାନି ନଥିଲେ ମଧ୍ୟ କୌଣସି ନା କୌଣସି କାରଣରୁ ଶାଶୁ ବୋହୂ ଭିତରେ ପ୍ରତିଦିନ କଳି ତକରାଳ ଲାଗୁଥିବାର ସ୍ୱୀକାର କଲେ ॥ ପୁଅ, ପ୍ରଶାନ୍ତ ବାପା ଓ ତାଙ୍କ ସ୍ତ୍ରୀଙ୍କର କୁ-ସଂପର୍କକୁ ସିଧା ସଳଖ ଦେଖି ନାହାନ୍ତି କହିବା ବେଳେ audio recording  ଅନୁସାରେ ଏହା ସତ୍ୟ ବୋଲି ସ୍ୱୀକାର କଲେ ॥

ଆଲୋଚନାବେଳେ, ମହିଳା ଅୟୋଗ ମଧ୍ୟ ଏହା ଅନୁଭବ କଲେ ଯେ, ଜଣେ ବୈଜ୍ଞାନିକଙ୍କ ପତ୍ନୀ ଯେପରି ରହିବା କଥା ସେପରି ରହି ନଥିଲେ ॥ ଏପରିକି ତାଙ୍କ ATM Card ସ୍ୱାମୀ ବ୍ୟବହାର କରୁଥିଲେ ॥ ତାଙ୍କର ନିଜସ୍ୱ ଆର୍ଥିକ ସ୍ୱାଧୀନତା ନଥିଲା ॥ କେବଳ ଘରର ଜଣେ କାମବାଲି ପରି କାର୍ଯ୍ୟକରି ତ୍ୟାଗ ସର୍ବସ୍ୱ ହୋଇଯାଇଥିଲେ ॥

ଯାହାହେଉ, ବହୁ ଆଲୋଚନା ପରେ ଘରର ମାନ ସମ୍ମାନ ବଜାୟ ରଖିବା ପାଇଁ ତଥା ଆଉ ପୁନର୍ବାର ଏପରି ଘଟଣା ନଘଟିବା ନିମନ୍ତେ ସର୍ବ ସମ୍ମତି କ୍ରମେ ନିଷ୍ପତ୍ତି ନିଆଗଲା ଯେ, ପୁଅ ବୋହୂ ସେମାନଙ୍କର ଥିବା ଅଲଗା ଘରେ ରହିବେ, ବାପା-ମାଆ ଅଲଗା ରହିବେ ॥ ଶ୍ୱଶୁର ଓ ବୋହୂ କୌଣସି ପରିସ୍ଥିତିରେ କି ଯୋଗାଯୋଗରେ ଆସିବେ ନାହିଁ ॥

ଏହାକୁ ସମସ୍ତେ ସ୍ୱାଗତ କରିଥିବାବେଳେ, ପରିବାରର ସମ୍ମାନ ପଦାରେ ପଡିବା ପୂର୍ବରୁ ରାଜ୍ୟ ମହିଳା ଆୟୋଗର ହସ୍ତକ୍ଷେପ ଫଳରେ, ବନ୍ଦ ଯାଇଥିବାରୁ ସମସ୍ତେ ମହିଳା ଆୟୋଗକୁ ଧନ୍ୟବାଦ ଅର୍ପଣ କଲେ ।

*ଜନନୀ, ଜାୟା, ଭଗିନୀ ରୂପୀ ନାରୀର ସମ୍ମାନ ରକ୍ଷା କରି,*

*ଆମ ପରମ୍ପରା ଓ ସଂସ୍କୃତିର ସମ୍ମାନ କରନ୍ତୁ ।*

❖❖❖



କିଲ୍ଲା : କେନ୍ଦ୍ରାପଡ଼ା କେସ୍ ନଂ: ୧୯୮/୨୦

ପକ୍ଷ : ହରପ୍ରିୟା ବାରିକ ଅପର ପକ୍ଷ : ନିରଞ୍ଜନ ବାରିକ (ସ୍ୱାମୀ)

କେସ୍ ପ୍ରକାର : ଘରୋଇ ହିଂସା ସହ ମାନସିକ ନିର୍ଯ୍ୟାତନା ଜନିତ ଘଟଣା

ହରପ୍ରିୟା ବାରିକ (ଛଦ୍ମନାମ) ଅଭିଯୋଗ କଲେ ଯେ, ବିବାହ ପରଠାରୁ, ତାଙ୍କ ସ୍ୱାମୀ ନିରଂଜନ ବାରିକ (ଛଦ୍ମନାମ) ଓ ଶାଶୂ ତଥା ଅନ୍ୟ ପରିବାରର ବର୍ଗ ତାଙ୍କୁ ନାନା ପ୍ରକାର ମାନସିକ ଓ ଶାରିରୀକ ନିର୍ଯ୍ୟାତନା ଦେଇଛନ୍ତି । ଏପରିକି ତାଙ୍କ ଚରିତ୍ରକୁ ଅନ୍ୟମାନଙ୍କ ସହ ଯୋଡି ବଦନାମ କରି ଘରୁ ତଡିବାକୁ ଚେଷ୍ଟା କରିଛନ୍ତି । ସେ ଜଣେ ସ୍ୱାସ୍ଥ୍ୟକର୍ମୀ ହୋଇଥିଲେ ମଧ୍ୟ, ପରିବାରର କେହି ତାଙ୍କୁ support ନକରିବାରୁ ବାଧ୍ୟ ହୋଇ ୦୩ ବର୍ଷର ଛୋଟ ଝିଅକୁ ଧରି ସେ ପ୍ରାୟ ୧୫୦ କି.ମି. ରାସ୍ତା ଜିବା ଆସିବା କରି duty କରନ୍ତି । ତେଣୁ ସେ ସ୍ୱାମୀ ସହ ଏକାଠି ନ ରହି ସ୍ୱାମୀଠାରୁ ଅଲଗା ହେବାକୁ ଚାହିଁଲେ ॥

ରାଜ୍ୟ ମହିଳା ଆୟୋଗ ତାରିଖ ଧାର୍ଯ୍ୟକରି ଉଭୟପକ୍ଷଙ୍କୁ ଆୟୋଗଙ୍କ କାର୍ଯ୍ୟାଳୟକୁ ଡକାଯାଇ ସମସ୍ୟାର ସମାଧାନ ପାଇଁ ଆଲୋଚନା ବେଳେ, ଅପର ପକ୍ଷ ସ୍ୱାମୀ ନିରଂଜନ ସ୍ତ୍ରୀଙ୍କୁ ନିର୍ଯ୍ୟାତନା ଦେବା କଥା 'ମିଛ' ବୋଲି କହୁଥିଲେ ମଧ୍ୟ ବେଳେବେଳେ ସ୍ତ୍ରୀଙ୍କର ବ୍ୟବହାର ଯୋଗୁଁ ଘରେ ଅଶାନ୍ତି ହେଉଥିବାର ବୟାନ ଦେଲେ, ଏପରିକି ସେ ସ୍ତ୍ରୀଙ୍କୁ ଭଲ ପାଆନ୍ତି ॥ ସ୍ତ୍ରୀଙ୍କ ଚରିତ୍ର ନିଷ୍କଳଙ୍କ ବୋଲି ମତ ପ୍ରଦାନ କଲେ ॥ ବିବାହ ପୂର୍ବରୁ ସ୍ତ୍ରୀଙ୍କ ଚରିତ୍ର ବିଷୟରେ ବିଭିନ୍ନ ଲୋକଙ୍କଠାରୁ ଶୁଣି ମଧ୍ୟ ତାହା ବିଶ୍ୱାସ ନକରି ବିଭା ହୋଇଥିବା ଜଣାଇଲେ ॥ ମାତ୍ର ମାଆ ଓ ସ୍ତ୍ରୀଙ୍କ ଝଗଡା ହେଉଛି ବୋଲି ବୟାନ ଦେଲେ ॥ ସ୍ତ୍ରୀଙ୍କ ଭାଇ ମାନେ ତାଙ୍କୁ ଦୁର୍ବ୍ୟବହାର କରୁଛନ୍ତି ବୋଲି ପାଲଟା ଅଭିଯୋଗ କଲେ ॥

ସେମାନଙ୍କ ସମସ୍ୟାର ଅନ୍ତପାଇଁ ପୁଙ୍ଖାନୁପୁଙ୍ଖ ଭାବରେ ଆୟୋଗରେ ଆଲୋଚନା କରାଗଲା ॥ ଉଭୟ ପୁନଃ ଏକାଠି ହେବା ପାଇଁ ମତପ୍ରକାଶ କଲେ ॥ ସ୍ଥିର କରାଗଲା ଯେ, ଏମିତି ଆଉ ସ୍ୱାମୀ, ସ୍ତ୍ରୀଙ୍କର ଚରିତ୍ରକୁ ଆକ୍ଷେପ କରିବେ ନାହିଁ ॥ ସ୍ୱାମୀ ମାଡ ଗାଳି ଦେବେ ନାହିଁ, ପିଲାର ପାଠପଢା ସୁବିଧା ଓ ସ୍ତ୍ରୀଙ୍କର duty ସୁବିଧା ପାଇଁ ପାଖ ଯାଗାକୁ ଷ୍ଟବ୍ବଭଷ୍ଲରବ୍ କରାଇବା ପାଇଁ ପଦକ୍ଷେପ ନେବାକୁ ପରାମର୍ଶ ଦିଆଗଲା, ଏପରିକି transfer ପରେ ସ୍ତ୍ରୀ ଓ ପୁଅ ସୁବିଧା ସ୍ଥାନରେ ରହିବା ପାଇଁ

ଘରଭଡା ମଧ୍ୟ ସ୍ୱାମୀ ବୁଝିବେ ବୋଲି ପ୍ରତିଶ୍ରୁତି ଦେଲେ ॥ ଏବଂ ସୁବିଧା ଦେଖି ସେମାନଙ୍କ ପାଖକୁ ଯାଇ ସେମାନଙ୍କର ଦୁଃଖ ସୁଖ ବୁଝିବାକୁ ରାଜି ହେଲେ ॥

ଉପସ୍ଥିତ ଦରଖାସ୍ତକାରିଣୀଙ୍କ ଭାଇମାନଙ୍କୁ ତାଗିଦ କରାଗଲା ସେମାନେ ଭଉଣୀ ଭିଶୋଇଙ୍କର ବ୍ୟକ୍ତିଗତ ଜୀବନରେ ଅଜଥା ହସ୍ତକ୍ଷେପ କରିବେ ନାହିଁ ॥

ରାଜ୍ୟ ମହିଳା ଆୟୋଗଙ୍କର ନିଷ୍ପତ୍ତିକୁ ଦୁଇପକ୍ଷ ମାନି ନେଇ ଶାନ୍ତିରେ ଜୀବନ ଯାପନ କରିବାକୁ ପ୍ରତିବଦ୍ଧତା ଜଣାଇଲେ । ଏହା ସମ୍ଭବ ହେଲା କେବଳ ରାଜ୍ୟ ମହିଳା ଆୟୋଗଙ୍କର ଠିକ୍ ସମୟରେ ନ୍ୟାୟିକ ବିଚାର ପାଇଁ ।

***ନାରୀ ଧରିତ୍ରୀ ଭଳି ପରିବାରକୁ ସମସ୍ତ ପ୍ରକାର ସହଯୋଗ କରିଥାଏ । ତେଣୁ ଅନୁରୂପ ଭାବେ ପରିବାରର ସଦସ୍ୟମାନେ ନାରୀକୁ ସହଯୋଗ କରନ୍ତୁ ।***



ଜିଲ୍ଲା : ପୁରୀ

କେସ୍ ନଂ: ୧୫୧/୨୦

ପକ୍ଷ : ସାଗରିକା ନନ୍ଦ

ଅପର ପକ୍ଷ : ସ୍ୱାମୀ

କେସ୍ ପ୍ରକାର : ପାରିବାରିକ ନିର୍ଯ୍ୟାତନା ତଥା ସ୍ତ୍ରୀଙ୍କ ପ୍ରତି ଅବହେଳା ଜନିତ ଘଟଣା

ବୈବାହିକ ଜୀବନକୁ ୨୫ ବର୍ଷ ବିତିଗଲାଣି । ପୁଅ ଝିଅ ବି ସାବାଳକ ହୋଇ ସାରିଲେଣି । ସ୍ୱାମୀ ଜଣେ ଉଚ୍ଚ ପଦସ୍ଥ ଅଫିସର ଭାବେ ଅବସର ବି ଗ୍ରହଣ କରିସାରିଲେଣି । ମାତ୍ର ସ୍ତ୍ରୀ ସାଗରିକା ନନ୍ଦ (ଛଦ୍ମନାମ) ଅଭିଯୋଗ କଲେ ଯେ ଏବେ ୨/୩ ବର୍ଷହେବ ସେ ଜାଣିବାକୁ ପାଇଲେ ସ୍ୱାମୀ ବହୁ ନାରୀଙ୍କ ସହ କୁ-ସଂପର୍କ ରଖି ସେମାନଙ୍କ ପିଛା ସବୁ ଟଙ୍କା ପଇସା ଉଡାଇ ଦେଉଛନ୍ତି । ତେଣୁ ତାଙ୍କର Financial security ଦରକାର ସେହି କାରଣ ଯୋଗୁଁ ହିଁ ବର୍ତ୍ତମାନ ପରିଣତ ବିଷୟରେ ବି ସ୍ୱାମୀ-ସ୍ତ୍ରୀ ଅଲଗା ଅଲଗା ରହୁଛନ୍ତି ।

ଅଭିଯୋଗକାରିଣୀଙ୍କ ଆବେଦନ ପାଇଲା ପରେ ରାଜ୍ୟ ମହିଳା ଆୟୋଗ, ମାମଲାକୁ ଗୁରୁତର ସହ ନେଇ ଏହାର ତୁରନ୍ତ ସମାଧାନ ସହିତ ଅଭିଯୋଗକାରିଣୀଙ୍କୁ ତ୍ୱରିତ ନ୍ୟାୟ ଦେବା ପାଇଁ ଉଭୟ ପକ୍ଷଙ୍କୁ ଚିଠି କରି ଆୟୋଗଙ୍କ କାର୍ଯ୍ୟାଳୟକୁ ଡକାଇଲେ ।

ଅପରପକ୍ଷ ସ୍ୱାମୀ ସ୍ତ୍ରୀଙ୍କର ସମସ୍ତ ଅଭିଯୋଗକୁ 'ମିଛ' ବୋଲି କହି ଖଣ୍ଡନ କରିବା ସହ ସ୍ତ୍ରୀ ଓ ପିଲାଙ୍କ ପାଇଁ Financial security ର ବ୍ୟବସ୍ଥା କରିଦେଇଛନ୍ତି ବୋଲି କୁହନ୍ତି । ଏପରିକି ପ୍ରତି ପିଲାଙ୍କ ପାଇଁ ବ୍ୟାଙ୍କରେ କୋଡିଏ ଲକ୍ଷ ଲେଖାଏଁ ଟଙ୍କା ରଖିଛନ୍ତି । ସ୍ତ୍ରୀଙ୍କ ପାଇଁ ମଧ ୨୦/୨୫ ଲକ୍ଷ ଟଙ୍କାର LIC, Premium ସେ ରଖିଛନ୍ତି । କିଛି ଟଙ୍କା ବି ସ୍ତ୍ରୀଙ୍କ ନାମରେ FD କରିଛନ୍ତି । ମାତ୍ର ସ୍ତ୍ରୀ ଏସବୁ ବିଷୟରେ ଜାଣିନଥିବା କୁହନ୍ତି ।

ଆୟୋଗ ଦୁଇପକ୍ଷଙ୍କର ଅଭିଯୋଗ ଓ ବୟାନକୁ ଉପଯୁକ୍ତ ଅନୁସନ୍ଧାନ କରି ଉଭୟଙ୍କୁ ଉପଯୁକ୍ତ ନ୍ୟାୟ ଦେବାକୁ ବିଚାର କଲେ । ଯାହା ହେଉ, ଶେଷରେ ଆୟୋଗର ହସ୍ତକ୍ଷେପ ଫଳରେ ଅପରପକ୍ଷ, ସ୍ତ୍ରୀ ଓ ପିଲାମାନଙ୍କ ନାମରେ ଜମାଥିବା ଟଙ୍କାର ସମସ୍ତ bond ସ୍ତ୍ରୀଙ୍କୁ ପ୍ରଦାନ କରିବାକୁ ରାଜିହେଲେ । ତା' ସହିତ ଭବିଷ୍ୟତରେ ସ୍ତ୍ରୀ, ପିଲାଙ୍କ ପ୍ରତି କୌଣସି ଅନ୍ୟାୟ ନ କରିବାକୁ ସ୍ୱାମୀ ମହିଳା ଆୟୋଗଙ୍କ ନିକଟରେ ପ୍ରତିଶ୍ରୁତି ଦେଲେ । ❖












ଜିଲ୍ଲା : ସମ୍ବଲପୁର

କେସ୍ ନଂ: ୨୦୧/୨୦

ପକ୍ଷ : ସୁନୀତା ନାୟକ

ଅପର ପକ୍ଷ : ସ୍ୱାମୀ

କେସ୍ ପ୍ରକାର : ସ୍ତ୍ରୀକୁ ମାନସିକ ନିର୍ଯ୍ୟାତନା ଦେବା ଜନିତ ଘଟଣା

ସୁନୀତା ନାୟକ ବୈଦିକ ରୀତିରେ ହସଖୁସିରେ ବିବାହ କରିଥିଲେ । ସେହି ସ୍ତ୍ରୀ ସୁନୀତା କିନ୍ତୁ ପରବର୍ତ୍ତୀ ସମୟରେ ସ୍ୱାମୀଙ୍କଠାରୁ ନିର୍ଯ୍ୟାତନା ପାଇଲେ । ସ୍ୱାମୀ ଭୁଲିଗଲେ ବେଦୀ, ବେଦା, ଦଶଦିଗପାଳ, ଅଗ୍ନିକୁ ସାକ୍ଷୀ ରଖି ସାତଜନ୍ମ ପାଇଁ ବିବାହ କରିଥିବାର ସେହି ମହିଳାଙ୍କୁ ସମ୍ମାନ ଦେବା ପାଇଁ । ଏଣୁ ସ୍ତ୍ରୀ ସୁନିତା ନାୟକ (ଛଦ୍ମନାମ) ଅଭିଯୋଗ କଲେ ଯେ ବାହାଘରର ୭/୮ ବର୍ଷ ବହୁ ହସ ଖୁସିରେ ବିତିବା ପରେ ଯେତେବେଳେ ତାଙ୍କ ବାପା ମୃତ୍ୟୁ ବରଣ କଲେ ଓ ବାପାଙ୍କର Service Benefit ଓ LIC ସମ୍ବନ୍ଧିୟ ପ୍ରାୟ ୨୫ ଲକ୍ଷ ଟଙ୍କା ଭାଇ ପାଇଲେ । ତେଣୁ ସ୍ୱାମୀଙ୍କ ଲୋଭ ବଢିଲା ଓ ଉକ୍ତ ୨୫ ଲକ୍ଷ ଟଙ୍କାରୁ ଭାଗ ଆଣିବାକୁ ତାଙ୍କୁ ବାଧ କରି ସ୍ୱାମୀ ତାଙ୍କୁ ମାଡପିଟ୍ କଲେ । ଏପରିକି ଧିରେ ଧିରେ ଅନ୍ୟ ଜଣେ ବିବାହିତା ମହିଳାଙ୍କ ସହ ସଂପର୍କ ବଢାଇ ତାଙ୍କୁ ସବୁ ରୋଜଗାର ଦେଇଦେଲେ ଏବଂ ତାଙ୍କୁ ଘରୁ ବାହାର କରିଦେଲେ ।

ମହିଳା ଆୟୋଗ ଏହାକୁ ଅତି ଗୁରୁତର ସହ ନେଇ ସୁନୀତା ଏବଂ ତାଙ୍କ ସ୍ୱାମୀଙ୍କୁ ଆୟୋଗ କାର୍ଯ୍ୟାଳୟକୁ ଡାକିଲେ । ସେଠାରେ ସ୍ୱାମୀ ତାଙ୍କର ଦାବି ୨୫ଲକ୍ଷ ଟଙ୍କାରୁ ଭାଗ ଆଣିବା କଥା ଅସ୍ୱୀକାର କରୁଥିଲେ ମଧ୍ୟ, ଅନ୍ୟ ମହିଳାଙ୍କ ସହ ସଂପର୍କକୁ ଲୁଚାଇ ପାରିନଥିଲେ । କ୍ଷଣିକ ଭୁଲ ପାଇଁ ବାଟ ବଣା ହୋଇଥିବା କହି ଆଉ ଏପରି ନକରିବାକୁ ଦୃଢ ପ୍ରତିଶୃତି ଦେଲେ । ସେ ପାଲଟା ଅଭିଯୋଗ କଲେ ଯେ ସ୍ତ୍ରୀ ତାଙ୍କର କିମ୍ବା ତାଙ୍କ ଘର ଲୋକଙ୍କର କୌଣସି କଥାକୁ ଖାତିର ନକରି ପ୍ରାୟ ସମୟରେ ନିଜ ବଡ ଭଉଣୀ ଘରକୁ ଚାଲି ଯାଉଥିଲେ । ଏପରିକି ତାଙ୍କର ବହୁ କଷ୍ଟ ଅର୍ଜିତ ଟଙ୍କାକୁ ସ୍ତ୍ରୀ ତାଙ୍କ ବଡ ଭଉଣୀଙ୍କୁ ଦେଇ ଦେଉଥିଲେ ।

ମହିଳା ଆୟୋଗଙ୍କ ହସ୍ତକ୍ଷେପ ଏବଂ ବହୁ ଆଲୋଚନା ତଥା ବୁଝାସୁଝା ପରେ ଉଭୟ ପୁଣି ଏକାଠି ହେବାକୁ ମନସ୍ଥ କଲେ । ଉପସ୍ଥିତ ଦରଖାସ୍ତକାରିଣୀଙ୍କ ବଡ ଭଉଣୀ ମଧ୍ୟ ସେମାନଙ୍କ ବ୍ୟକ୍ତିଗତ ଜୀବନରେ ହସ୍ତକ୍ଷେପ ନ କରିବାକୁ ପ୍ରତିଶ୍ରୁତି ଦେଲେ । ନିଷ୍ପତ୍ତି ନିଆଗଲା ଯେ, ଅପରପକ୍ଷ ସ୍ୱାମୀ ଆଉ ଅନ୍ୟ ମହିଳା ପଛରେ ଗୋଡାଇବେ ନାହିଁ । ସେହିପରି ଦରଖାସ୍ତକାରିଣୀ ମଧ୍ୟ ସ୍ୱାମୀଙ୍କୁ ଉପଯୁକ୍ତ ସ୍ନେହ ଶ୍ରଦ୍ଧା ଦେଇ ଚଳିବେ ।

ବର୍ତ୍ତମାନ ଉଭୟେ ସନ୍ତୋଷଜନକ ଜୀବନ ଯାପନ କରୁଛନ୍ତି । ଯାହା ସମ୍ଭବ ହୋଇପାରିଲା ରାଜ୍ୟ ମହିଳା ଆୟୋଗଙ୍କ ହେତୁ । ❖

ଜିଲ୍ଲା : ଜଗତସିଂହପୁର

କେସ୍ ନଂ: ୩୨୩/୨୧

ପକ୍ଷ : ରାଗିଣୀ ସ୍ୱାଇଁ

ଅପର ପକ୍ଷ : ପଦ୍ମନାଭ ସ୍ୱାଇଁ (ସ୍ୱାମୀ)

କେସ୍ ପ୍ରକାର : ପ୍ରେମ ଜନିତ ବିବାହ ଘଟଣା

ରାଗିଣୀ ସ୍ୱାଇଁ (ଛଦ୍ମନାମ) ଓ ପଦ୍ମନାଭ ସ୍ୱାଇଁ ଉଭୟ ଉଭୟଙ୍କୁ ଭଲପାଇ ବିବାହ କରିବାକୁ ସ୍ଥିର କଲେ । ମାତ୍ର ପରିବାରର ଆକଟ ଯୋଗୁଁ ପଦ୍ମନାଭ ଦୀର୍ଘ ଦିନର ପ୍ରେମ ସଂପର୍କକୁ ଭୁଲି ପରିବାରର କଥାରେ ପରିଚାଳିତ ହୋଇ ରାଗିଣୀଙ୍କୁ ବିବାହ କରିବାକୁ ମନା କରିଦେଲେ । ଏଥିରେ ବ୍ୟଥିତ ହୋଇ ରାଗିଣୀ ସ୍ଥାନୀୟ ଥାନାରେ ଜଣାଇଲେ ମଧ୍ୟ, ସମାଧାନର କୌଣସି ସୂତ୍ର ନପାଇବାରୁ ଶେଷରେ ଓଡିଶା ରାଜ୍ୟ ମହିଳା କମିଶନଙ୍କ ଦ୍ୱାରସ୍ଥ ହୋଇ ନ୍ୟାୟ ଭିକ୍ଷା କଲେ ।

ଆୟୋଗ ତରଫରୁ ତାରିଖ ଧାର୍ଯ୍ୟ କରି ଉଭୟଙ୍କୁ ଡକାଇ ବିସ୍ତୃତ ଆଲୋଚନା କରାଗଲା । ଉଭୟ ପକ୍ଷର ମୁରବୀମାନଙ୍କ ସହ ଭିନ୍ନ ଭିନ୍ନ ଭାବରେ ଆଲୋଚନା କରାଯାଇ ବୁଝାସୁଝା କରାଗଲା । ଶେଷରେ ରାଗିଣୀ ଓ ପଦ୍ମନାଭଙ୍କର ପ୍ରେମର ବିଜୟ ହେଲା । ଉଭୟ ପରିବାରର ସମ୍ମତିକ୍ରମେ ଉଭୟ ରୀତିନିତି ଅନୁସାରେ ବିବାହ କରି ଏବେ ଖୁସି ଖୁସିରେ ଅଛନ୍ତି ।

ଆପୋଷ ସମାଧାନ ମାଧ୍ୟମରେ ଓଡିଶା ରାଜ୍ୟ ମହିଳା ଆୟୋଗ କେବଳ ଦୁଇଟି ଜୀବନକୁ ନୁହେଁ, ଦୁଇଟି ପରିବାରଙ୍କୁ ଅଶାନ୍ତି ମୁହଁରୁ ରକ୍ଷା କରିଥିବାରୁ ସମସ୍ତେ ଓଡିଶା ରାଜ୍ୟ ମହିଳା କମିଶନଙ୍କୁ ଭୂୟସୀ ପ୍ରଶଂସା କରି କୃତଜ୍ଞତା ଜ୍ଞାପନ କଲେ ।

ରାଜ୍ୟ ମହିଳା ଆୟୋଗ ଅନେକ ସମୟରେ ଯୁଗାନ୍ତକାରୀ ନ୍ୟାୟ ଦେଇ ସମସ୍ତଙ୍କର ଦୃଷ୍ଟି ଆକର୍ଷଣର ପାତ୍ର ହୋଇଛନ୍ତି । ଏହା ଆମ ରାଜ୍ୟ ପାଇଁ ଗର୍ବ ଓ ଗୌରବର କଥା ନିଶ୍ଚିତ ।

❖❖❖

ଜିଲ୍ଲା : କେନ୍ଦ୍ରାପଡ଼ା                    କେସ୍ ନଂ: ୧୮୬/୨୦

ପକ୍ଷ : ଜଣେ ଛାତ୍ରୀ                    ଅପର ପକ୍ଷ : ସହପାଠୀ ଜଣେ ଛାତ୍ର

କେସ୍ ପ୍ରକାର : ପ୍ରେମ ଜନିତ ଘଟଣା

ଦରଖାସ୍ତକାରିଣୀ ଅଭିଯୋଗ କରନ୍ତି ତାଙ୍କର ଜଣେ ସହପାଠୀ ତାଙ୍କୁ ଭଲ ପାଇବାର ନାଟକ କରି ତାଙ୍କ ସହ ଶାରିରୀକ ସଂପର୍କ ରଖିଲେ । ଏବଂ ଉକ୍ତ ସଂପର୍କକୁ recording କରି social mediarùe viral କରି ତାଙ୍କୁ ବଦନାମ କରୁଛନ୍ତି ।

ଏହା ଏକ ଗୁରୁତର ତଥା ଧର୍ତବ୍ୟ ଅପରାଧ ଜାଣି ଅପରପକ୍ଷଙ୍କୁ ତୁରନ୍ତ ଡକାଗଲା । ଅପରପକ୍ଷ ମଧ୍ୟ ଏହା ମାନିନେଲେ ଏବଂ ଦରଖାସ୍ତକାରୀଣି ତାଙ୍କୁ ବିବାହ କରିବାକୁ ମନା କରି ଅନ୍ୟ ପୁରୁଷ ସହ ମିଳାମିଶାକରିବାରୁ ରାଗରେ ସେ ଏପରି କରିଛନ୍ତି ବୋଲି ଭୁଲ ସ୍ୱୀକାର କରି ତାହାକୁ ପରବର୍ତୀ ସମୟରେ ସଂପୂର୍ଣ୍ଣ ଯରକ୍ଷରସର କରିଛନ୍ତି ବୋଲି ବୟାନ ଦେଲେ ।

ମାତ୍ର ବହୁ ଆଲୋଚନା ପରେ ଦରଖାସ୍ତକାରିଣୀଙ୍କ ସମ୍ମାନ ରକ୍ଷା ପାଇଁ ଅପରପକ୍ଷ ତାଙ୍କୁ ବିବାହ କରିବାକୁ ପ୍ରତିଶ୍ରୁତି ଦେଲେ । ପୂର୍ବରୁ ଅପର ପକ୍ଷଙ୍କୁ ଭଲପାଉଥିବାରୁ ତାଙ୍କୁ ବିବାହ କରିବାକୁ ମଧ୍ୟ ଦରଖାସ୍ତକାରିଣୀ ରାଜି ହେଲେ ଏବଂ ଉଭୟ Court Marriage କରିବାକୁ courtକୁ ଗଲେ ।

ମହିଳା ଆୟୋଗର ହସ୍ତକ୍ଷେପ ଫଳରେ ଉଭୟ ପରିବାର ଇଜ୍ଜତ୍ ବଞ୍ଚିଯାଇଥିବାରୁ  ଉଭୟ ପରିବାରର ଲୋକମାନେ ଆୟୋଗ ନିକଟରେ କୃତଜ୍ଞତା ଜଣାଇଲେ ।

ମହିଳା ଆୟୋଗକୁ ଆସିଥିବା ଅଭିଯୋଗଗୁଡ଼ିକୁ ପ୍ରଥମେ ସମ୍ବେଦନ ଭାବରେ ପଢ଼ନ୍ତି, ବୁଝନ୍ତି । ତା' ପରେ ଠିକ୍ ସମୟରେ ଉପଯୁକ୍ତ ନ୍ୟାୟ ବିଚାର ପାଇଁ ଉଭୟ ପକ୍ଷଙ୍କୁ ଡକାଇ ବାସ୍ତବ ସମାଧାନର ପନ୍ଥା କାଢ଼ିଥାନ୍ତି । ଏଥିହେତୁ ଉଭୟପକ୍ଷ ବିଚାରକୁ ମାନି ନେଇଥାନ୍ତି ।

❖❖❖

ଜିଲ୍ଲା : ଯାଜପୁର　　　　　　　　କେସ୍ ନଂ: ୧୨୩/୨୦

ପକ୍ଷ : ସ୍ତ୍ରୀ　　　　　　　　　　ଅପର ପକ୍ଷ : ସ୍ୱାମୀ

କେସ୍ ପ୍ରକାର : ସ୍ୱାମୀ, ସ୍ତ୍ରୀକୁ ତାଙ୍କ ପୁଅ ସହ ମିଶିବାକୁ ଦେଉନଥିଲେ

ଦରଖାସ୍ତକାରିଣୀଙ୍କୁ ତାଙ୍କ ସ୍ୱାମୀ ଦୀର୍ଘ ବର୍ଷ ହେବ ଛାଡପତ୍ର ଦେଇଥିବାରୁ ଉଭୟ ଅଲଗା ଅଲଗା ରହୁଥିଲେ । ମାତ୍ର ସ୍ୱାମୀ ତାଙ୍କର ଏକ ମାତ୍ର ପୁଅଙ୍କୁ ତାଙ୍କୁ ଦେଖାଇ ଦେଉନଥିଲେ । ମାଆ ପୁଅର ସଂପର୍କ ଛିନ୍ନ ହୋଇ ଯାଉଥିଲା । ମା' ମନ ବୁଝିନଥିଲା । ସ୍ୱାମୀଙ୍କୁ ଯେତେ ଅନୁନୟ ବିନୟ ହୋଇ କହୁଥିଲେ ମଧ୍ୟ ସେ ପୁଅକୁ ସାକ୍ଷାତ୍ କରିବାକୁ ଦେଉନଥିଲେ ।

ସ୍ୱାମୀ-ସ୍ତ୍ରୀର ସଂପର୍କ ଛିନ୍ନ ହୋଇଥିଲେ ମଧ୍ୟ ମାଆ ପୁଅର ସଂପର୍କକୁ କେହି କାଟି ପାରିବେ ନାହିଁ ଅନୁଭବ କରି ଆୟୋଗ ଉଭୟଙ୍କୁ ଡକାଇ ଆଲୋଚନା କଲେ । ପରବର୍ତ୍ତୀ ତାରିଖରେ ଅପରପକ୍ଷ, ତାଙ୍କ ପୁଅକୁ ଆଣି ଆୟୋଗରେ ହାଜର ହେଲେ । ମାଆ ପୁଅର ମିଳନ ହେଲା । ଉଭୟଙ୍କ ନୟନରୁ ଆନନ୍ଦାଶ୍ରୁ ଗଳି ପଡିଲା । ପୁଅ, ମାଆର Phone No. ନେଇ ମାଆ ସହ କଥା ହେବାକୁ ଚାହିଁଲା । ମାତ୍ର ବାପା ପାଖରେ ରହିବ ବୋଲି କହିଲା ।

ଯାହା ହେଉ ଆୟୋଗର ହସ୍ତକ୍ଷେପ ଫଳରେ ଦୁଃଖିନୀ ମାଆଟିଏ ତାଠାରୁ ଦୂରେଇ ଯାଉଥିବା ପୁଅକୁ ପାଇ ଆତ୍ମ ବିଭୋର ହୋଇଯାଇଥିଲା ।

ମହିଳା ଆୟୋଗ ଏଭଳି ଏକାଧିକ ଅଭିଯୋଗକୁ ଗୁରୁତ୍ୱ ଦେଇ ଉଭୟ ପକ୍ଷଙ୍କୁ ଉପଯୁକ୍ତ ନ୍ୟାୟ ଦେଇ ଜନସାଧାରଣଙ୍କ ଆସ୍ଥା ଭାଜନ ହୋଇପାରିଛନ୍ତି ।

❖❖❖

ଜିଲ୍ଲା : ଢେଙ୍କାନାଳ                    କେସ୍ ନଂ: ୨୭୯/୧୯

ପକ୍ଷ : ରଶ୍ମିତା ମାଝି                    ଅପର ପକ୍ଷ : ସ୍ୱାମୀ

କେସ୍ ପ୍ରକାର : ସ୍ୱାମୀଙ୍କ ଦ୍ୱାରା ସ୍ତ୍ରୀ ଓ ପିଲା ଅବହେଳିତ ଜନିତ ଘଟଣା

ଦରଖାସ୍ତକାରିଣୀ ରାଶ୍ମିତା ମାଝୀ ଅଭିଯୋଗ କରନ୍ତି – ବିବାହକୁ ୨୦ ବର୍ଷ ବିତି ଯାଇଥିଲେ ମଧ୍ୟ ଏବେ ୦୭ ବର୍ଷ ହେବ ସ୍ୱାମୀ ଅନ୍ୟ ମହିଳାଙ୍କ ସହ ସଂପର୍କ ରଖି ତାଙ୍କୁ ଓ ତାଙ୍କର ଦୁଇ ପିଲାଙ୍କୁ ପଚାରୁ ନାହାଁନ୍ତି ।

ଆୟୋଗ ପକ୍ଷରୁ ଅପରପକ୍ଷଙ୍କୁ ସମନ କରାଯାଇ ଆଲୋଚନାବେଳେ ସେ (ଅପରପକ୍ଷ) ଏହାକୁ ଅସ୍ୱୀକାର କରିବା ସହ ସ୍ତ୍ରୀ (ଦରଖାସ୍ତକାରିଣୀ) ତାଙ୍କୁ ଖରାପ ବ୍ୟବହାର କରୁଛନ୍ତି ବୋଲି ଅଭିଯୋଗ କଲେ । ଏପରିକି ସେ ତିଆରି କରିଥିବା କୋଠାଘରେ ସ୍ତ୍ରୀ ଓ ପିଲା ରହୁଥିବା ବେଳେ ତାଙ୍କୁ ଉକ୍ତ ଘରକୁ ପୁରାଇ ଦେଉ ନାହିଁନ୍ତି ବୋଲି ବୟାନ ଦେଲେ । ଦ୍ୱିତୀୟତଃ ସେ ଗାଁରେ ଜଣେ ଜଣାଶୁଣା ଲୋକ ଥିବାବେଳେ ସ୍ତ୍ରୀ ଶୁଖୁଆ ବ୍ୟବସାୟ କରିବା ତାଙ୍କୁ ଲଜ୍ୟା ଦେଉଛି ବୋଲି ଅଭିଯୋଗ କଲେ ।

ଆଲୋଚନାରୁ ଜଣାପଡିଲା ଯେ ସେମାନଙ୍କର ଦୁଇଟି ପିଲା, ଝିଅଟି ୧୯ବର୍ଷ ଓ ପୁଅକୁ ୧୫ ବର୍ଷ । ଏବେ ପ୍ରାୟ ୦୭ବର୍ଷ ହେବ ଉକ୍ତ ମହିଳାଙ୍କୁ କେନ୍ଦ୍ର କରି ଉଭୟଙ୍କ ମଧ୍ୟରେ ଅଶାନ୍ତି ସୃଷ୍ଟି ହୋଇଛି । ଉଭୟ ଉଭୟଙ୍କ ନାମରେ ଗୁଡାଏ Case ବି ଦାୟର କରିଛନ୍ତି । ଅଲଗା ଅଲଗା ରହୁଛନ୍ତି । ସ୍ୱାମୀ ଟଙ୍କାଟିଏ ନ ଦେବାରୁ ଘର ଚଳାଇ ପାଇଁ ସ୍ତ୍ରୀ ବାଧ୍ୟ ହୋଇ ଶୁଖୁଆ ବ୍ୟବସାୟ କରି ଦୁଇଟି ପିଲାଙ୍କୁ ପାଠ ପଢାଇବା ସହ ନିଜର ଗୁଜୁରାଣ ମେଣ୍ଟାଉଛନ୍ତି ।

ଯାହାହେଉ ବହୁ ଆଲୋଚନା ତଥା ବୁଝାସୁଝା ପରେ ଉଭୟ ପୁଣି ପୂର୍ବ ତିକ୍ତତାକୁ ଭୁଲି ଏକାଠି ହେବାକୁ ଚାହିଁଲେ । ନିଷ୍ପତି ହେଲା ଯେ ଘର ଖର୍ଚ୍ଚ ପାଇଁ ଅପରପକ୍ଷ ସ୍ୱାମୀ, ସ୍ତ୍ରୀଙ୍କୁ ମାସିକ ୧୦,୦୦୦/- (ଦଶ ହଜାର) ଟଙ୍କା ଦେବା ପାଇଁ ରାଜି ହେଲେ । ସମସ୍ତେ ଏକାଠି ଗୋଟିଏ ଘରେ ରହିବେ । ସ୍ତ୍ରୀ ଉକ୍ତ ଟଙ୍କାରେ ଘର ଚଳାଇବେ । ସ୍ୱାମୀଙ୍କର ଖାଇବା କଥା ବୁଝିବେ । ସ୍ୱାମୀ ଘରର ଭଲମନ୍ଦ ଖବର ସବୁ ବୁଝିବେ ।

ତେବେ ସ୍ତ୍ରୀ ଶୁଖୁଆ ବିକି ରୋଜଗାର କରୁଥିବା କଥା ସ୍ୱାମୀଙ୍କୁ ପସନ୍ଦ ନ ହେବାରୁ, ଉକ୍ତ ବ୍ୟବସାୟ ବନ୍ଦ କରି ଘରର ଆର୍ଥିକ ଅବସ୍ଥା ସୁଧୁରିବା ପାଇଁ ଦୁଇଟି ଗାଈ କିଣି କ୍ଷୀର ବ୍ୟବସାୟ କରିବାକୁ ଉଭୟ ଯୋଜନା କଲେ । ଏଥିସହିତ ମହିଳା ଆୟୋଗଙ୍କୁ ଧନ୍ୟବାଦ ଦେଲେ ।

ଜିଲ୍ଲା : ଗଞ୍ଜାମ    କେସ୍ ନଂ: ୧୮୯/୨୦

ପକ୍ଷ : ନମିତା ଦାସ    ଅପର ପକ୍ଷ : ସ୍ୱାମୀ, ଶାଶୂ, ଶ୍ୱଶୁର

କେସ୍ ପ୍ରକାର : ଘରୋଇ ହିଂସା ତଥା ଅବହେଳା ଜନିତ ଘଟଣା

ନମିତା ଦାସ (ଛଦ୍ମନାମ)ଙ୍କ ଅଭିଯୋଗ ପ୍ରକାରେ ବାହାଘରକୁ ୧୦ ବର୍ଷ ହୋଇଗଲାଣି । ଦୁଇଟି ଝିଅ । ଘରର ଟିକେ ଟିକେ କଥାରେ ସ୍ୱାମୀ, ଶାଶୁ, ଶ୍ୱଶୁର ତାଙ୍କ ସହ କଳି କରିବା ସହ ବାରମ୍ବାର ସ୍ଥାନୀୟ ସରପଞ୍ଚ ଓ ଗ୍ରାମ ସଭାପତିଙ୍କୁ ଜଣାନ୍ତି । ଥରେ ଉକ୍ତ ସରପଞ୍ଚ ଓ ସଭାପତିଙ୍କ ଜରିଆରେ ତାଙ୍କଠାରୁ ସାଧା କାଗଜରେ ଦସ୍ତଖତ କରାଇ ନେଇ, ଶାଶୁ ଶ୍ୱଶୁର ତାଙ୍କୁ ନିର୍ଯ୍ୟାତନା ଦେଉଛନ୍ତି । ଯେଉଁଥିପାଇଁ ସେ Police Case ମଧ୍ୟ କରିଛନ୍ତି । ଶେଷରେ ନ୍ୟାୟ ନ ପାଇ ରାଜ୍ୟ ମହିଳା ଆୟୋଗଙ୍କ ଦ୍ୱାରସ୍ଥ ହେଲେ ନମିତା ।

ଅଭିଯୋଗର ଗୁରୁତ୍ୱ ଉପଲବ୍ଧି କରି ଆୟୋଗ ଅଭିଯୋଗକାରିଣୀଙ୍କ ସ୍ୱାମୀ, ଶ୍ୱଶୁର ଓ ଉକ୍ତ ସରପଞ୍ଚ ଏବଂ ଗାଁ ସଭାପତିଙ୍କୁ ଡକାଇ ସମସ୍ୟାର ସମାଧାନ ପାଇଁ ଆଲୋଚନା ଜାରି ରଖିଲେ । ଆଲୋଚନା ବେଳେ ଶ୍ୱଶୁର, ବୋହୂ (ଦରଖାସ୍ତକାରିଣୀ) ଙ୍କର ତାଙ୍କ ପ୍ରତି ଅବହେଳା ଓ ଦୁର୍ବ୍ୟବହାର ବର୍ଣ୍ଣନା କରି ବୋହୂ ଘରର କର୍ତ୍ତବ୍ୟ ଠିକ୍‌ରେ କରୁନାହିଁ ବୋଲି ଅଭିଯୋଗ କଲେ । ଅପରପକ୍ଷ ସ୍ୱାମୀ, ସ୍ତ୍ରୀଙ୍କୁ ଗ୍ରହଣ କରିବାକୁ ରାଜିଥିଲେ ବି, ସ୍ତ୍ରୀ ସରପଞ୍ଚ ଓ ସଭାପତି ଏବଂ ବାପା ମାଆଙ୍କ ନାମରେ କେସ୍ କରିଥିବାରୁ ସେମାନେ ସନ୍ତୁଷ୍ଟ ହୋଇଗଲେ ତାଙ୍କର କୌଣସି ଅସୁବିଧା ନାହିଁ ବୋଲି କହିଲେ । ସେ କଟକରେ ରହୁଥିଲେ ବି କମ୍ ରୋଜଗାର ଯୋଗୁ ସ୍ତ୍ରୀଙ୍କୁ ନେଇ କଟକରେ ରଖିପାରିବେନି । ତେଣୁ ଉପସ୍ଥିତ ସରପଞ୍ଚ ଓ ଗାଁ ସଭାପତିଙ୍କ ସହ ଆଲୋଚନା କରାଗଲା । ସ୍ୱାମୀ-ସ୍ତ୍ରୀ ଏକାଠି ଭଲରେ ରହିଲେ ସେମାନଙ୍କର କିଛି କହିବାର ନାହିଁ ବୋଲି ସେମାନେ ସ୍ପଷ୍ଟ କଲେ ।

ଶେଷରେ ନିଷ୍ପତି ହେଲା ଯେ, ଦରଖାସ୍ତକାରିଣୀ, ଶାଶୂଘରେ ଶାଶୂ ଶ୍ୱଶୁରଙ୍କ ସହ ରହିବେ । ନିଜର କର୍ତବ୍ୟ କର୍ମ ଠିକ୍‌ରେ ସମ୍ପାଦନ କରିବେ । ସ୍ୱାମୀ ଯଥାସାଧ୍ୟ ପଇସାପତ୍ର ତାଙ୍କ ପାଖକୁ

ପଠାଇବେ । ଶାଶୂ ଶ୍ୱଶୁର ମଧ୍ୟ ତାଙ୍କୁ କୌଣସି ପ୍ରକାର ହଇରାଣ ନକରି ଭଲରେ ରଖିବେ ଏବଂ ଦରଖାସ୍ତକାରୀଣୀଙ୍କ ବାପା ମାଆ ସେମାନଙ୍କ ଚଳଣୀରେ ହସ୍ତକ୍ଷେପ କରିବେ ନାହିଁ ବୋଲି ପରାମର୍ଶ ଦିଆଗଲା ।

ଏହିପରି ଭାବରେ ରାଜ୍ୟ ମହିଳା ଆୟୋଗ ଶତାଧିକ ମହିଳାଙ୍କ ସମସ୍ୟାକୁ ଯଥାଶୀଘ୍ର ସମାଧାନ କରି ସମସ୍ତଙ୍କର ପ୍ରିୟଭାଜନ ହୋଇପାରିବା ସହ ରାଜ୍ୟବାସୀଙ୍କର ଆସ୍ଥା ଭାଜନ ହୋଇପାରିଛନ୍ତି ।

***ମାଆକୁ ସମ୍ମାନ, ଦେଶକୁ ସମ୍ମାନ ।***

❖❖❖



ଜିଲ୍ଲା : ଗଜପତି

କେସ୍ ନଂ: ୧୫୯/୨୧

ପକ୍ଷ : ରାଣୀ ପଣ୍ଡା

ଅପର ପକ୍ଷ : ଦାମୋଦର ପଣ୍ଡା (ସ୍ୱାମୀ)

କେସ୍ ପ୍ରକାର : ପାରିବାରିକ ଅଶାନ୍ତି ଓ ଅବହେଳା ଜନିତ ଘଟଣା

କୋଭିଡ-୧୯ ପ୍ରାୟ ସବୁ ବର୍ଗର ଲୋକଙ୍କର ଆର୍ଥିକ ମେରୁଦଣ୍ଡକୁ ଦୋହଲେଇ ଦେଇଥିବା ବେଳେ କେଦାର ନାଥ ପଣ୍ଡା (ଛଦ୍ମନାମ) ଙ୍କ ସ୍ତ୍ରୀ ରାଣୀ ପଣ୍ଡା ଅଭିଯୋଗ କଲେ ଯେ ତାଙ୍କ ସ୍ୱାମୀ ତାଙ୍କୁ ପ୍ରାୟ ଦୁଇବର୍ଷ ହେବ ପଚାରୁ ନାହାଁନ୍ତି । ତାଙ୍କ ପୁଅର ପାଠପଢା କଥା ମଧ୍ୟ ବୁଝୁନାହାନ୍ତି । ପୁଅଟି ଏଇ ବର୍ଷ CBSE ରୁ ୧୦ମ ଶ୍ରେଣୀ ପାସ କରିଛି । IT ରେ Deploma କରିବାକୁ ଚାହୁଁଛି । ତେଣୁ ତା ପାଠ ପଢା ଖର୍ଚ୍ଚ ସହିତ ତା ପାଇଁ Laptop ଇତ୍ୟାଦି ବାପା ଦିଅନ୍ତୁ ବୋଲି ଦାବି କଲେ ।

ଅଭିଯୋଗ ପାଇବା ପରେ ରାଜ୍ୟ ମହିଳା ଆୟୋଗ ଉଭୟ ପକ୍ଷ ସହିତ ପୁଅକୁ ଡକାଇ ସମସ୍ୟାର ସମାଧାନ ଦିଗରେ ଆଲୋଚନା କରାଗଲା । ଆଲୋଚନାବେଳେ, ଉଭୟ ସ୍ୱାମୀ-ସ୍ତ୍ରୀ ଉଭୟଙ୍କ ବିରୁଦ୍ଧରେ ନାନା ପ୍ରକାର ଅଭିଯୋଗ ପ୍ରତି-ଅଭିଯୋଗ ଆଣିଲେ ମଧ୍ୟ ପୁଅଟିର ପାଠପଢା ଓ ଭବିଷ୍ୟତକୁ ଆଖି ଆଗରେ ରଖି ଆଲୋଚନା କରାଗଲା । କୋଭିଡ-୧୯ ଯୋଗୁଁ ତାଙ୍କର ଆର୍ଥିକ ସ୍ଥିତି ବିଗିଡି ଯାଇଛି ବୋଲି ଅପରପକ୍ଷ ବୟାନ ଦେଇ ପୁଅର ଭବିଷ୍ୟତ ପାଇଁ ଯଥାସାଧ୍ୟ ଚେଷ୍ଟା କରିବେ ବୋଲି ପ୍ରତିଶ୍ରୁତି ଦେଲେ । ପୁଅ ସହ ଖୁସିରେ କଥାବାର୍ତ୍ତା କରିବା ସହିତ, ପୁଅ ରଖିଥିବା ବର୍ତ୍ତମାନର ନମ୍ବର ଉପରେ ସମୀକ୍ଷା କରି ତାର ଉଚ୍ଚତର ପାଠପଢାର ବ୍ୟବସ୍ଥା କରିବା ସହ ବର୍ତ୍ତମାନର ସାମର୍ଥ୍ୟ ଅନୁସାରେ ପୁଅ ପାଇଁ ଖର୍ଚ୍ଚ ଦେବାକୁ ସମ୍ମତି ପ୍ରଦାନ କଲେ ।

ପୁଅ ମଧ୍ୟ ଖୁସିରେ ବାପାଙ୍କ ସହ ଘରକୁ ଯାଇ ତା'ର ଜେଜେ ବାପା ଜେଜେ ମାଆ ଓ ପରିବାରର ଅନ୍ୟମାନଙ୍କ ସହ ମିଶିବା ପାଇଁ ଉତ୍ସୁକ ହେଲା । ଦରଖାସ୍ତକାରିଣୀ ମାଆ ଏଥିରେ ଆପତ୍ତି ଉଠାଇଲେ ନାହିଁ ।

ଠିକ୍ ସମୟରେ ଏବଂ ବିଚାରବନ୍ତ ଭାବରେ ଆୟୋଗର ହସ୍ତକ୍ଷେପ ଫଳରେ ପରିବାରରେ ପୁଣି ହସ ଖୁସି ଫେରି ଆସିଥିବାରୁ ଆୟୋଗର କାର୍ଯ୍ୟଶୈଳୀକୁ ସେମାନେ ପ୍ରଶଂସା କଲେ । ଆୟୋଗ ମଧ୍ୟ ସେମାନଙ୍କ ସମସ୍ୟା ସମାଧାନ କରିପାରିଥିବାରୁ ଆତ୍ମସନ୍ତୋଷ ପ୍ରକାଶ କଲେ । ❖

ଜିଲ୍ଲା : ନୟାଗଡ଼ କେସ୍ ନଂ: ୬୬/୧୯

ପକ୍ଷ : ସୁନ୍ଦରୀ ନାୟକ ଅପର ପକ୍ଷ : ପ୍ରକାଶ ନାୟକ

କେସ୍ ପ୍ରକାର : **ଯୌତୁକ ନିର୍ଯାତନା ଓ ଜୀବନରେ ମାରିଦେବା ଜନିତ ଘଟଣା**

ଏହି ଅଭିଯୋଗଟି ଏକ ଯୌତୁକ ନିର୍ଯ୍ୟାତନା ଘଟଣା । ଅଭିଯୋଗକାରିଣୀ ସୁନ୍ଦରୀ ନାୟକ ପ୍ରତିପକ୍ଷ ସ୍ୱାମୀ ପ୍ରକାଶ ନାୟକଙ୍କ ସହିତ ମନ୍ଦିରରେ ପ୍ରେମ ବିବାହ କରିଥିଲେ । ଦେଢ ବର୍ଷ ଭଲରେ ଚଳିଲା ପରେ ଶାଶୁ, ଶଶୁର ଏବଂ ସ୍ୱାମୀ ସମସ୍ତେ ମିଶି ଯୌତୁକ ନିର୍ଯ୍ୟାତନା ଆରମ୍ଭ କରି ଦେଇଥିଲେ । ଇତି ମଧ୍ୟରେ ସୁନ୍ଦରୀ ନାୟକ ଗୋଟିଏ ପୁତ୍ର ସନ୍ତାନର ମାଆ ହୋଇସାରିଥିଲେ । ନିର୍ଯ୍ୟାତନା ଅଧିକ ହେବାରୁ ଅଭିଯୋଗକାରିଣୀ ବାପା ଘରକୁ ଚାଲିଯାଇଥିଲେ ଏବଂ ଥାନାରେ ଆଶ୍ରୟ ନେଇଥିଲେ । ଥାନାରେ ସମାଧାନ କରାଯାଇଥିଲା । ତାର କିଛି ଦିନ ପରେ ପୁଣି ସୁନ୍ଦରୀ ନାୟକଙ୍କ ଉପରେ ନିର୍ଯ୍ୟାତନା ଆରମ୍ଭ ହୋଇଯାଇଥିଲା ।

ଶେଷରେ ଅଭିଯୋଗକାରିଣୀ ସୁନ୍ଦରୀ ନାୟକ ମହିଳା ଆୟୋଗର ସହଯୋଗ ଲୋଡିଥିଲେ । ମହିଳା ଆୟୋଗ ଶାଶୁ ଶଶୁର ଏବଂ ସ୍ୱାମୀଙ୍କୁ କମିଶନ୍‌ରେ ଉପସ୍ଥିତ ହେବାକୁ ନୋଟିସ୍ ଦେଇଥିଲେ । ଉଭୟପକ୍ଷ ଆୟୋଗରେ ଉପସ୍ଥିତ ହୋଇଥିଲେ । ପୂର୍ବ ଆଲୋଚନାକୁ ଭିତ୍ତି କରି ଉଭୟପକ୍ଷ ସହିତ ଆଲୋଚନା କରାଯାଇଥିଲା ବହୁ ବୁଝା ସୁଝା ପରେ ଅପରପକ୍ଷ ଅନୁଭବ କରିଥିଲେ ଯେ କିଛି ଟଙ୍କା ପାଇଁ ନିଜ ପୁଅର ସୁନା ସଂସାରକୁ ଭାଙ୍ଗିଦେବା ଉଚିତ ନୁହେଁ । ତେଣୁ ପ୍ରତିପକ୍ଷ ଏବଂ ତାଙ୍କର ବାପା, ମାଆ ଦରଖାସ୍ତକାରିଣୀ ସୁନ୍ଦରୀ ନାୟକଙ୍କୁ ଭଲରେ ରଖିବେ ବୋଲି ପ୍ରତିଶୃତି ଦେଇଥିଲେ ଏବଂ ସେହିଦିନ ତାଙ୍କ ବୋହୁ ସୁନ୍ଦରୀ ନାୟକଙ୍କୁ ଘରକୁ ନେବାକୁ ନିଷ୍ପତ୍ତି ଦେଇଥିଲେ । ବର୍ତ୍ତମାନ ସେମାନେ ସୁଖ ଶାନ୍ତିରେ ରହୁଥିବାର କମିଶନ୍‌ରେ ମଧ୍ୟ ଆସି ଜଣାଇଛନ୍ତି ।

(ଯୌତୁକ ବିହିନ ବିବାହ ହିଁ ଏକ ସୁଖ, ଶାନ୍ତିର ପରିବାରକୁ ଚିରସ୍ଥାୟୀ କରିଥାଏ । )

❖

ଜିଲ୍ଲା : ଯାଜପୁର

କେସ୍ ନଂ: ୬୮/୨୨

ପକ୍ଷ : ସୁମତି ଦାସ

ଅପର ପକ୍ଷ : ସମୀର କାଣ୍ଡି

କେସ୍ ପ୍ରକାର : ଯୌତୁକ ନିର୍ଯାତନା ଅଭିଯୋଗ ଜନିତ ଘଟଣା

ଅଭିଯୋଗକାରିଣୀ ସୁମତି ଦାସ କମିଶନ୍‌ରେ ଅଭିଯୋଗ କରିଥିଲେ ଯେ ତାଙ୍କର ସ୍ୱାମୀ ତାଙ୍କୁ ଅଧିକ ଯୌତୁକ ପାଇଁ ପିଟାମରା କରନ୍ତି କିନ୍ତୁ ଅପରପକ୍ଷ ତାଙ୍କ ସ୍ୱାମୀ ସମିର କାଣ୍ଡି ଏହାକୁ ଅସ୍ୱୀକାର କରନ୍ତି । ସମିର କାଣ୍ଡି କୁହନ୍ତି ଯେ ସେ ଆଗରୁ ବିବାହ କରିଥିଲେ ତାଙ୍କର ପ୍ରଥମ ସ୍ତ୍ରୀଙ୍କ ଔରସରୁ ପୁତ୍ର ସନ୍ତାନ ଟିଏ ଅଛି ତାଙ୍କର ପ୍ରଥମ ସ୍ତ୍ରୀଙ୍କ ମୃତ୍ୟୁ ପରେ ସେ ଅଭିଯୋଗକାରିଣୀ ସୁମତି ଦାସଙ୍କୁ ଦ୍ୱିତୀୟ ବିବାହ କରିଥିଲେ । ଅଭିଯୋଗକାରିଣୀ କୁହନ୍ତି ଯୌତୁକ ଦାବି କରି ନିର୍ଯ୍ୟାତନା ଅଧିକ ହେବାରୁ ସେ ବାପ ଘରକୁ ଚାଲିଯାଇଥିଲେ । ବାପଘରେ ତାଙ୍କର ଏକ ପୁତ୍ର ସନ୍ତାନ ହେବାର ଦଶମାସ ହେବା ପରେ ମଧ୍ୟ ତାଙ୍କର ସ୍ୱାମୀ ତାଙ୍କୁ ଦେଖିବାକୁ ଆସିନଥିଲେ । ଅପରପକ୍ଷ ସ୍ୱାମୀ କୁହନ୍ତି ଯେ ତାଙ୍କର ସ୍ତ୍ରୀ ସୁମତି ଦାସ ରାଗି କରି ବାରମ୍ବାର ବାପ ଘରକୁ ପଳାନ୍ତି । ଅଭିଯୋଗକାରିଣୀ ସୁମତି ଦାସ ସ୍ୱାମୀଙ୍କ ପାଖକୁ ଯିବାକୁ ମନା କରନ୍ତି କିନ୍ତୁ ତାଙ୍କର ସ୍ୱାମୀ ସମିର କାଣ୍ଡି ତାକୁ ନେବାପାଇଁ ଆସନ୍ତି ।

କମିଶନ୍‌ରେ ବହୁ ବୁଝାଶୁଝା କଲାପରେ ଅଭିଯୋଗକାରିଣୀ ସୁମତି ଦାସ ତାଙ୍କର ସ୍ୱାମୀଙ୍କ ସହିତ ଯିବାକୁ ରାଜି ହୋଇଥିଲେ । ଉଭୟ କିପରି ଚଳୁଛନ୍ତି ଜାଣିବା ପାଇଁ କମିଶନ୍ ତାଙ୍କୁ ତିନି ମାସ ସମୟ ଦେଇଥିଲେ । ତିନି ମାସ ପରେ ଉଭୟ କିମଶନ୍‌ରେ ଉପସ୍ଥିତ ହୋଇ ବହୁତ ଖୁସିରେ ଅଛନ୍ତି ବୋଲି ଜଣାଇଥିଲେ ।

(ଯୌତୁକ ନିର୍ଯ୍ୟାତନା ସମାଜ ଏବଂ ପରିବାର ପାଇଁ ଏକ ରୁଗ୍‌ଣ ମାନସିକତା ଅଟେ । )

❖❖❖

Dist-KNJ Case No-30/21

Applicant:- Wife Opponent:-Husband

Case Type:- **Mental and Physical Torture**

A really strong woman accepts the war she went through and is ennobled by her scars. A strong woman knows she has strength enough for the journey, but a woman of strength knows it is in the journey where she will become strong.

It is a life story of a women who says her husband always tortured her physically and mentally, he raised his hands several times and then the woman files a complain against him at women's Commission.

The women Commission noticed both the parties, both of them were given chances to share their problems. After counsilling, the husband could realize his mistake and admitted his guilty. He promised to keep his wife happily forever and never will allow her to give any complain against him.

Hence they went together.

**Dist-Ganjam** **Case No-86/21**

**Applicant:-Wife** **Opponent:-Husband**

**Case Type:- Dowry and Domestic Violence**

A woman with a voice is by definition, a strong woman. But the search to find that voice can be remarkably difficult. There is no limit to what women can accomplish.

It is a life story of a woman who says her husband and in-laws always tortured her for dowry. When the torture was extreme. She went to her father's house alone with her two children.

Women Commission in order to hear the case noticed both the parties to appear before the Commission. A counselling session was started for both finally they both realized that family was broker and they need to resettle it.

Both husband and wife decided that they will stay together happily along with both of their children. And they both requested to close the case from women Commission.

Hence they went reunited and happily from Commission.

**Dist-KND**

**Case No-73/21**

**Applicant:-Wife**

**Opponent:-Husband**

**Case Type:- Torture and Desertion.**

A strong woman looks a challenge in the eye and gives it a wink. Brave women are not born from comfort zones. They are made in the life.

It is a life story of a woman, who says after complaining at women's Commission her husband who had tortured and left her earlier, comes to her to appolize. As both the parties were noticed for hearing of the case, the woman complains that her husband had left her after torturing many times. After counsilling husband promised not to harm her further. He had done a crime hence requested his wife to close the case.

Hence the case is compromised and closed and both of them are together till date.

❖❖❖

**Dist- KND** **Case No-** 113/2021

**Applicant:-** Nirmala Sethi (fake name)

**Opponent:** Rama Sethi (fake name)

**Case Type:-** Returning her-property she has given as gift and protection to her.

The petitioner has claimed that her in-laws have tortured her for dowry and thrashed her out of the house after living attacked by them. In fear of her life she went back to her father's house. Even after a lot tries, her-in-laws weren't ready, to rest the things out, instead threatened her that if this time she comes to their house, they will kill her by putting her on fire and also took away all her gold ornaments forcefully.

In the Odisha State Commission for Women, Ptr. also stated that her husband, Rama Sethi is now unemployed. At the time of marriage proposal, she was fraudulently said by her in-laws that her then would be husband has studied engineering and thinking the same to be true, she agreed for the marriage. But, her husband has actually passed B.A and was now living upper farming. Ever after marriage, the petitioner was not treated as a wife by her husband neither was given any respect as a wife by him.

The opposition party claimed that even after marriage, his wife never stayed with him properly and frequently went to her father's home.

Hearing both the sides, it was finalised that, as both the husband and wife lived separately for 1 year now, the husband is ought to give maintenance to his wife amounting to Rs.1000/- per month for 3 months. He was also asked to visit his wife once a month to know about her well being and to converse over phone too.

On 20/12/2021, Rama claimed that he is interested to take his wife back to his house with respect & with a promise that there must not occur any fights between them and also there should not be use of any foul language.

The husband was also asked to take care of his wife properly and to lend her Rs.1000/- per month for her needs.

On 04/04/2022, both the parties claimed that there has been great changes in their lives and hence they are very happily and successfully leading their marriage life

The opposition party has thanked the women's Commission for letting him back to his family and children and win them back, as being running many a times to the Police Station, he has failed to win his family back.

***'WOMEN'S COMMISSION –A RAY OF HOPE'***

❖❖❖

**Dist- KND** **Case No-** 61/2021

..............................................................................................................

**Applicant:** Sheetal Nayak (fake name)

**Opponent:** Santanu Sahoo (fake name) (Husband)

..............................................................................................................

**Case Type:-** Protection against torture and acceptance of her marriage.

..............................................................................................................

The petitioner, Sheetal Nayak, 24 years, of Bhadikila village has married Santanu Sahoo, 25 years, of Amarapur village. The petitioner said that there was a love marriage that was done in Ganjam district, at a temple. It is a fact that Ptr. was not properly maintained by her husband after marriage and feared that his parents will now accept his wife as their daughter-in-law. After a few months of marriage, her father-in-law, Sarat Sahoo, entered the house where the husband and wife lived and tortured Lina mentally & physically and took away her husband forcefully from them.

The petitioner's prayer to the Women Commission was that she should be protected and a legal marriage should be done of her and Santanu Sahoo.

It has been now finalized by both the parties that a legal marriage of them should be done. Sheetal and Santanu has now had a court marriage and this was also accepted by her in-laws officially.

***'HAPPINESS AFTER A STRUGGLE IS REAL'***

Dist-KND Case No-08/21

**Applicant:** Smt. Sita Nayak (fake name)

**Opponent:** Soma Nayak (fake name)

**Case Type:** Protection against domestic violence.

The petitioner, Smt. Sita Nayak has claimed in the (OSCW) Odisha State Commission for Women on the point of domestic violence. She claims that she need her daughter-in-law and her granddaughter.

During the discussion in the Commission, it was found that Soma Nayak was married to Prabhudutta Nayak for years now and were blessed with a girl child. It was found there remained no major problem between the parties, rather the reason being small varied opinions and small misunderstandings.

Rakesh being working at Rourklea, he was then advised to visit his wife and daughter whenever he gets some time. Also, whenever Rakesh or his family members, while visiting the opposite party's house, will get proper respect by the family members of OP and she herself too shall respect her in laws.


On 14th February 2022, both parties were again called to the Commission. It was found that both the parties relied upon what

was advised to them. Now, Rakesh & Soma are now leading a happy married life and Rakesh has taken his wife and daughter to Rourkela as he worked there. There are times when he also visited the petitioners home at Patia.

This was another success story of the Commission and the success rate will further increase here.

**'TO A NEW BEGINNING'**

❖❖❖



**Dist-KND** **Case No-27/21**

..........................................................................................

**Applicant:** Sarita Parida, (fake name) D/o-Rabindranath Pradhan

**Opponent:** RameshParida, (fake name) Kalandi Parida, Kuni Parida, Mita Parida

..........................................................................................

**Case Type:** Protection against mental and physical torture and pay maintenance.

..........................................................................................

The petitioner, Sarita Parida, 25 years of Godimala village has married Ramesh Parida on 10th April 2015. They have been blessed with a girl child of 5 years old.

Sarita, the petitioner, alleged that her in-laws member and her relatives are torturing her both physically and mentally abusing her in obscene languages, assaulted, attempted to murder, wrongful confinement over the times.

On 29th July 2021, evening, she was tried to be murdered by her in-laws, by pulling her hair, getting kicked on her chest, thrashing her head over the bed and tried to hang over the fan.

After she fainted and was later on found by her father and brother. She was then admitted to Balakati Medical, as her situation got worse, they admitted to Cuttack Sai Vision Nursing Home I.C.U. An FIR was filed at Balanga Police Station under IPC 1860, Section 498-A, Section 323, Section 307, Section 342, Section 34 and Section 4 of

Dowry Prohibition Act, 1961. Though an FIR was filed still her husband visited his in-laws house.

The petitioner requested (OSCW) Women Commission to return whatever have been given to their in-laws as gift and also to hand over the custody of her 5 years daughter to her. She also prayed that she should be given proper maintenance and wanted that proper action should be taken against the wrongdoer.

On 25.11.2021, both the parties who lived for 4 months apart, have now resolved the issue and decided to obligate their married life with proper respect, love and understanding. Also he promised not to repeat this kind of disrespect. And her in-laws were directed to treat her respectfully as daughter-in-law and to live a peaceful life further.

The petitioner has thanked the (OSCW) Women Commission for giving her rightful position in her family.

***"FROM A TORTUROUS LIFE TO HAPPY ENDING"***

❖❖❖







କର୍ତ୍ତବ୍ୟ ପଥରେ...






ଓଡ଼ିଶା ରାଜ୍ୟ ମହିଳା ଆୟୋଗ



